

ଆ ଉ ରି
ଗୋ ଟି ଏ
ପାର୍ଲେ-ଜି
୭୫ ଗ୍ରାମ
ଟ ୭/-
Parle-G
PARLE
75g
Parle-G
Gluco
BISCUITS
ପାର୍ଲେ
ପାର୍ଲେ-ଜି
ସୁ ଆ ଦି ଆ , ଶ କ୍ତି ଦି ଆ
ଭାରତର ସବୁଠୁ ବେଶି ବିକ୍ରି ହେଉଥିବା ବିସ୍କୁଟ

ଏକୋରେ କରନ୍ତୁ ସୁନ୍ଦର ମୁଖାସବୁ!
ଏକୋ ସ୍କେଚ ପେନ ଦ୍ୱାରା ରଙ୍ଗବେରଙ୍ଗୀ ମୁଖା ତିଆରି କରିବା ସହଜ ହେବା ଛଡ଼ା ମଜା ବି ମିଳେ।
ଏକୋ — ନାନା ଆକର୍ଷକ ରଙ୍ଗରେ ୧୨, ୨୪ ଆଉ ୩୦ ଟିକିଆ ପ୍ୟାକ୍‌ରେ ମିଳେ।
ଆଉ ଖୁସିର କଥା ହେଲା ଯେ, ଏକୋ ୱାଟର-ବେସ୍ ରଙ୍ଗ ହେବା ବ୍ୟତୀତ ଅଣ-ବିଷାକ୍ତ
ଅଟେ... ତେଣୁ ତମ ବ୍ୟବହାର ପାଇଁ ପୁରାପୁରି ନିରାପଦ।
ଏଣିକି ତମ ହାତର ଗୁଣ ଦେଖାଅ... ମମ୍ମୀ, ପାପାଙ୍କୁ ଖୁସ୍ କରାଅ।
ଏକୋ... ମାନେ ଅସରନ୍ତି ରଙ୍ଗର ଅପୂରନ୍ତ ମଜା!
ତମ ପାଇଁ ଆସିଛି ହଜାର ହଜାର ପୁରସ୍କାର! ଏକୋ 'ଡ୍ର-କଲର୍-କଲେକ୍ଟ' ପ୍ରତିଯୋଗିତାରେ ଭାଗ ନିଅ। ପ୍ରତିଟି ପ୍ୟାକ୍ ସାଙ୍ଗରେ ପାଇବ ଏଣ୍ଟ୍ରି ଫର୍ମ।
ମାଗଣାରେ! ପ୍ରତି ପ୍ୟାକ୍ ସାଙ୍ଗରେ ରଙ୍ଗୋଲା ପୁସ୍ତିକାଟିଏ।
Ekco®
ତମ କଳ୍ପନାକୁ ଚୂଡ଼ାନ୍ତ ରୂପ ଦିଅ, ଇଏଁ!
Karishma/SW/6/2016 RY A

Sunday, Piano, Nursery Rhymes
It's Morton for me all the time
MORTON
SWEETS
I Love my Sundays ..... Nursery Rhymes and my Mummy close to me and Mortons
all the time. It has been our Family's favourite for years and years.
Delicious and yummy in so many flavours. All with the goodness of
Creamy Milk, Glucose and Sugar.
Chocolate and Coconut Cookies, Rose Eclairs, Supreme
Chocolate and Coconut Toffees, Lacto Bonbons Mango King
and so many other delicious treats.
Um m m m m Every bite a yummy delight.
A lifetime of real goodness
MORTON CONFECTIONERY &
MILK PRODUCTS FACTORY
P.O. : Marhowrah 841 418 Dist. : Saran, Bihar
CC/M-1/93
Caution Notice :
MORTON and its wrappers are registered trade mark of Upper Ganges Sugar Industries Ltd. Any infringement of trade mark rights is liable to prosecution.

ଜହ୍ନମାମୁଁ

ସଂସ୍ଥାପକ : 'ଚକ୍ରପାଣୀ'   ସଞ୍ଚାଳକ : ନାଗି ରେଡ୍ଡୀ

ବର୍ଷ—ବିଦାୟ

ଚାହୁଁ ଚାହୁଁ ୧୯୯୩ ମସିହା ପୃଥିବୀରୁ ବିଦାୟ ନେବାକୁ ଉଦ୍ୟତ । ବର୍ଷଟିଏ ହେଉ ବା ଦିନଟିଏ ହେଉ, ଥରେ ତାହା ଚାଲିଗଲେ ଆଉ କେବେବି ଲେଉଟି ଆସିବ ନାହିଁ ।

ସମୟର ଧାରାରେହିଁ ପୃଥିବୀରେ ସବୁ ପରିବର୍ତ୍ତନ ଚାଲିଛି । ଆଜି ଯେ ରାଜେନ୍ଦ୍ରାସନେ, କାଲି ସେ ଫକୀର —ସମୟର ଯାଦୁ ବଳରେ । ଆଜି ଯିଏ ଅଚିହ୍ନା, ଅଜଣା, ଆଗାମୀ କାଲି ସେ ହଠାତ୍ ହୋଇଯାଇପାରେ ବିଖ୍ୟାତ ଓ ବିଶିଷ୍ଟ । ଗୀତାରେ ଭଗବାନ୍ କହିଛନ୍ତି ସେ ନିଜେହିଁ କାଳ ବା ସମୟ । ଏ ଉକ୍ତିର ତାତ୍ପର୍ଯ୍ୟ ଅସୀମ । ଯିଏ ସମୟକୁ ଯଥାର୍ଥ ଭାବରେ କଟାଇପାରେ, ସେ ଭଗବାନ୍‌ଙ୍କର ନିକଟବର୍ତ୍ତୀ । ଜଣେ ମଣିଷ ଯେଉଁସବୁ କାମରେ ସମୟ ଖର୍ଚ୍ଚ କରିବା ଫଳରେ ଅନ୍ୟ ମଣିଷମାନେ ଅଯଥାରେ ଦୁଃଖ ପାଆନ୍ତି (ଯଥା, ଜଣେ ବେପାରୀ ଖାଦ୍ୟ ଭେଜାଲ କରିବା ଦ୍ୱାରା କିମ୍ବା ଜଣେ ନେତା ଲୋକଙ୍କୁ ମିଥ୍ୟା କହି ଭୁଲାଇବା ଦ୍ୱାରା) ସେସବୁ କାମ କରି ସେ ଭଗବାନ୍‌ଙ୍କ ପାଖରୁ ଦୂରେଇ ଯାଏ । ଜଣେ ଯେଉଁସବୁ କାମ କରି ଅନ୍ୟକୁ ଭଲ ପଥରେ ଯିବାକୁ ଅନୁପ୍ରାଣିତ କରିପାରେ ଓ ନିଜେ ମଧ୍ୟ ପ୍ରଗତି କରୁଥାଏ, ସେସବୁ କାମ ତାକୁ ଭଗବାନ୍‌ଙ୍କର ପ୍ରିୟ କରେ । କାଳ ବା ସମୟ ଭିତରେହିଁ ଆମକୁ କାମ କରିବାକୁ ପଡିଥାଏ । ଅତଏବ ସମୟ ପ୍ରତି ଶ୍ରଦ୍ଧା ପୋଷଣ କରି ତାହାର ସଦୁପଯୋଗ କରିବାହିଁ ବିଜ୍ଞତା ।

ବିଦାୟୀ ବର୍ଷଠୁଁ ଆମର ଏହି ଆଶୀର୍ବାଦ ମାଗୁଣି — ଆଗତ ପ୍ରାୟ ବର୍ଷ ଯେପରି ଏହି ଅର୍ଥରେ ମଙ୍ଗଳମୟ ହେବ ।

ବର୍ଷ : ୨୨   ଡିସେମ୍ବର—୧୯୯୩   ଅଙ୍କ : ୬

Digitized by
Deb's Library Corner
https://t.me/debslibrarycorner

''ଟିକ୍‌ମିକ୍ ନିବ୍‌ବାଲା କଲମ ସୁନ୍ଦର
କ୍ୟାମଲିନ୍ କରିବ ହୋମଓ୍ୱାର୍କ ମୋର''

କୁନ୍‌ମୁନ୍ ପାଶାର ଫୁ-ମନ୍ତର! କ୍ୟାମଲିନ୍
ଫାଉଣ୍ଟେନ୍ ପେନ୍। ପେନ୍‌ରେ ଲାଗିଚି ବଢ଼ିଆ
ଟିକ୍‌ଟିକ୍ ନିବ୍। ଯେତେସବୁ ଝଂଝଟିଆ ଲେଖିବା
କାମ ହୁଏ ସହଜ, ସୁନ୍ଦର । ସେଥିପାଇଁ ପରା
କୁନ୍‌ମୁନର ହୋମଓ୍ୱାର୍କ ଫଟାଫଟ୍ ଖତମ୍! ଆଉ
ତା'ପରେ...ଖେଳିବାକୁ ଢେ-ଏ-ର୍ ସମୟ!

camlin

ତୁମର ଅତି ଆପଣାର ।

Contract.CL.922.93.Or

ଶତ୍ରୁତା—ମିତ୍ରତା



ଇହୁଦୀ ଓ ପାଲେଷ୍ଟିନ୍‌ମାନଙ୍କ ମଧ୍ୟରେ ଯୁଦ୍ଧ, ବା ପ୍ରତିଦ୍ୱନ୍ଦ୍ୱୀତା, ବହୁଦିନୁ ଚଳି ଆସୁଥିଲା । ଗତ ସେପ୍ଟେମ୍ବର ୧୩ ତାରିଖରେ ଦୁଇ ତରଫ ନିଜ ନିଜ ମଧ୍ୟରେ ଏକ ଶାନ୍ତିପୂର୍ଣ୍ଣ ବୁଝାମଣା ସକାଶେ ସ୍ୱୀକୃତ ହୋଇଛନ୍ତି । ୱାସିଂଟନ୍‌ରେ ପୃଥିବୀର ନାନା ଦେଶର ନେତୃବର୍ଗଙ୍କର ସମ୍ମିଳନୀରେ ଏପରି ପ୍ରସ୍ତାବରେ ସମସ୍ତେ ରାଜି ହୋଇଛନ୍ତି ଓ ତାହା ଫଳରେ ପରସ୍ପର ବିରୋଧୀ ସେହି ଦୁଇଦେଶ ଏବେ ପରସ୍ପରର ବନ୍ଧୁ ହୋଇଯାଇଛନ୍ତି । ପାଲେଷ୍ଟାଇନ୍‌ର ବିଦେଶୀ ମନ୍ତ୍ରୀ ସିମୋନ୍ ପେରିଜ୍, ପାଲେଷ୍ଟିନ୍ ସ୍ୱାଧୀନ ସଂସ୍ଥା (ପି.ଏଲ.ଓ)ର ରାଜନୀତି ବିଭାଗର ଅଧ୍ୟକ୍ଷ ମହମ୍ମଦ ଆବ୍ବାସ, ଏହି ପ୍ରସ୍ତାବ ଉପରେ ଦସ୍ତଖତ କଲେ । ଇସ୍ରାଏଲର ପ୍ରଧାନମନ୍ତ୍ରୀ ଆଇଜାକ୍ ରବିନ୍ ଓ "ପି.ଏଲ୍.ଓ"ର ଅଧ୍ୟକ୍ଷ ୟାସର ଆରାଫତ୍ ଏହି ଅବସରରେ ବନ୍ଧୁତାର ପ୍ରତୀକ ସ୍ୱରୂପ ହାତମିଳାଇ ଥିଲେ ।

ଶରଣାର୍ଥୀ ଇହୁଦୀ ପାଲେଷ୍ଟାଇନ୍ ଆସି ରହି ଯାଇଥିଲେ । ସେମାନଙ୍କୁ ଆରବରୁ ତଡି ଦେଇଥିଲେ । ଶତ୍ରୁତା ଯୋଗୁ ଚାଳିଶବର୍ଷ ଧରି ହିଂସାତ୍ମକ ଲଢାଇ ଚଳି ଆସୁଥିଲା । ଅନେକ ଲୋକ ମଲେ, ରକ୍ତପାତ ହେଲା । ଏବେ ଏହି ଶାନ୍ତିର ମୂଳରେ ଥିଲା, ୩୦୦,୦୦୦ ପାଲେଷ୍ଟାଇନ୍‌ର ବାସିନ୍ଦା ତାଜା ଘାଟିର ପଶ୍ଚିମ ପାଖରେ ଥିବା ନିଜ ଶାସନ ପାଇଁ ସ୍ୱାଧୀନତା ପାଇବେ । ଆଶା କରାଯାଏ କି ପାଲେଷ୍ଟାଇନ୍‌ର ଲୋକ ଓ ଇହୁଦୀମାନଙ୍କ ମଧ୍ୟରେ ଦୁଇବର୍ଷ ଧରି ଯେଉଁ ବୁଝାମଣା ହୋଇ ଚାଲିଛି, ଏହା ତାହାର ପ୍ରଥମ ସୋପାନ ।

ବାଇଶ ମାସ ପୂର୍ବରୁ ଜାତିସଂଘର ହୋଇଥିବା ସମ୍ମିଳନୀରେ ଏହି ବନ୍ଧୁତ୍ୱ ପାଇଁ ପ୍ରଥମ ସୂତ୍ରପାତ ହୋଇ ଥିଲା । ସେଥିରେ ଜାତିସଂଘ କହିଥିଲା ଶରଣାର୍ଥୀଙ୍କୁ ଥଇଥାନ କରିବା ଓ ଅନ୍ୟାନ୍ୟ ସମସ୍ୟାମାନ ଶାନ୍ତିପୂର୍ଣ୍ଣ ଭାବରେ ସମାଧାନ କରିବା ଉଭୟ ଦେଶର କର୍ତ୍ତବ୍ୟ ।

କୁହାଯାଏ କି ୧୯୧୭ରେ ଯେଉଁ ଘୋଷଣା ହୋଇଥିଲା ସେହିଦିନଠାରୁ ଉଭୟଙ୍କ ମଧ୍ୟରେ ବିବାଦ ଆରମ୍ଭ ହୋଇଥିଲା । "ଲିଗ୍ ଅଫ୍ ନେଶନ୍‌ସ"ଙ୍କ ଆଦେଶ ଅନୁସାରେ ବ୍ରିଟେନର ବିଦେଶ ମନ୍ତ୍ରୀ ଲର୍ଡ ଆର୍ଥର ବାଲଫର, ଇହୁଦୀଙ୍କର ମାତୃଭୂମି ଗଠନ କରିବାର ଯୋଜନାକୁ ସମର୍ଥନ କରିଥିଲେ । ଘୋଷଣା ହେବା ପୂର୍ବରୁ ସେଠାରେ

ଥିବା ଇହୁଦୀମାନେ କହିଲେ କି ଇହୁଦୀ ଶାଶନର ଅବଶ୍ୟକତା ନାହିଁ । କିନ୍ତୁ ଘୋଷଣା ପରେ ସମଗ୍ର ପାଲେଷ୍ଟାଇନ୍‌କୁ ନିଜର ମାତୃଭୂମି ବୋଲି କହିଲେ । ବାଲଫର କେବଳ ଏତିକି କହିଥିଲେ ଯେ ଇହୁଦୀମାନେ ସ୍ୱତନ୍ତ୍ର ଭାବରେ ନିଜର ମାତୃଭୂମି ସ୍ଥାପନ କରିପାରନ୍ତି । କିନ୍ତୁ ଇହୁଦୀମାନେ କ୍ରମଶଃ ପାଲେଷ୍ଟାଇନ୍‌ରେହିଁ ବସବାସ କଲେ ଓ ଆରବୀୟଙ୍କ ସହ ବିବାଦ ଆରମ୍ଭ କଲେ ।

ଦ୍ୱିତୀୟ ମହାଯୁଦ୍ଧ (୧୯୩୯–୪୫) ସମାପ୍ତ ହେଉ ହେଉ ପାଲେଷ୍ଟାଇନରେ ଇହୁଦୀଙ୍କ ସଂଖ୍ୟା ଆରବୀ ମାନଙ୍କଠାରୁ ମଧ୍ୟ ଅଧିକ ହୋଇଗଲା । ଇହୁଦୀମାନଙ୍କର ମାତୃଭୂମି ପାଇଁ ତୀବ୍ର ଇଛା ହେଲା । ଜାତିସଂଘ ଇହୁଦୀଙ୍କ ଶାସନକୁ ସମ୍ମାନ ଦେଲା, ୧୯୪୮, ମଇମାସ ୧୪ତାରିଖରେ ଇସ୍ରାଏଲ୍‌କୁ ସ୍ୱାଧୀନ ରାଜ୍ୟ ଭାବରେ ଘୋଷିତ କଲା । ଏହା ଥିଲା ଏକପକ୍ଷୀୟ । ସେହିଦିନରୁ ୧୯୮୮ ପର୍ଯ୍ୟନ୍ତ ଉଭୟ ଦଳ ମଧ୍ୟରେ ଯୁଦ୍ଧ ଓ ବିବାଦ ହୋଇ ଚାଲିଛି ।

୧୯୬୭ରେ ଇସ୍ରାଏଲ୍, ଇଜିପ୍ଟ, ସିରିଆ ଓ ଜୋର୍ଡାନକୁ ଯୁଦ୍ଧରେ ହରାଇଲା । ଗାଜାଘାଟି, ସିରିଆର ଗୋଲାନ୍ ତଥା ଜୋର୍ଡାନ ନଦୀର ପଶ୍ଚିମ ତଟକୁ ଅଧିକାର କଲା ।

୧୯୭୩ରେ ଇଜିପ୍ଟ, ଇସ୍ରାଏଲ୍ ସହିତ ଯୁଦ୍ଧରେ ଯାହା ହରାଇ ଥିଲା ତାହା ପୁନର୍ବାର ଅଧିକାର କଲା । ସେତେବେଳେହିଁ ଲେବାନନର ବିରୁଦ୍ଧରେ ପି.ଏଲ୍.ଓ ସଂସ୍ଥାର ସଂଗଠନ କରାଗଲା । ସେହିଦିନଠାରୁ ତାହା ନିଜର ମାତୃଭୂମିର ମୁକ୍ତି ପାଇଁ ଲଢୁଛନ୍ତି । ପି.ଏଲ.ଓ ଏହି ଯୁଦ୍ଧକୁ ୧୯୮୦ଠାରୁ କରିଚାଲିଛନ୍ତି । ସେମାନଙ୍କର ଗରିଲା ଯୁଦ୍ଧକୁ ବିଫଳ କରିବା ପାଇଁ ୧୯୮୨ରେ ଇସ୍ରାଏଲ୍, ଲେବାନନ୍‌କୁ ଘେରାଉ କଲା । ସେହି କାରଣରୁ "ପି.ଏଲ୍.ଓ" ର କାର୍ଯ୍ୟାଳୟ ଟ୍ୟୁନିସିଆକୁ ଉଠିଗଲା । ୧୯୮୮ରେ ଜୋର୍ଡାନ୍ ଘୋଷଣା କଲା ଯେ ଜୋର୍ଡାନ ନଦୀର ପଶ୍ଚିମତଟ ପାଲେଷ୍ଟାଇନର ଅଧିବାସୀଙ୍କର ସମ୍ପତ୍ତି ।



୧୯୯୦ରେ ଆମେରିକା ଓ ସୋଭିଏତ୍, ଆରବୀ ଓ ଇହୁଦୀଙ୍କୁ ଅନୁରୋଧ କଲେ କି ନିଜ ନିଜ ମଧ୍ୟରେ ଆଲୋଚନା କରି ଶାନ୍ତିପୂର୍ବକ ସମସ୍ୟାସବୁର ସମାଧାନ କରାଯାଉ । ଜାତିସଂଘ ଏହାକୁ ସମର୍ଥନ କଲା । ୧୯୯୧ରେ ସେନରେ ଆଲୋଚନା ଆରମ୍ଭ ହେଲା । ବାଇଶ ମାସ ବିତିଗଲା । ପି.ଏଲ୍.ଓର ଅଧ୍ୟକ୍ଷ ଆରାଫତ୍ ନାର୍ବେଙ୍କୁ ମଧ୍ୟସ୍ଥ କରି ଇସ୍ରାଏଲ୍‌ର ନେତାମାନଙ୍କ ସହିତ ଗୁପ୍ତରେ ଆଲୋଚନା କଲେ । ଆରାଫତ ଚିଠି ଲେଖିଲେ କି ସେ ଇସ୍ରାଏଲ୍‌ର ଅସ୍ତିତ୍ୱ ସ୍ୱୀକାର କରନ୍ତି । ତା'ପରେ ନାନାପ୍ରକାର ଆଲୋଚନା ହେଲା । ଆମେରିକାର ସଭାପତି କ୍ଲିଣ୍ଟନ ଏହି ଶାନ୍ତିପୂର୍ଣ୍ଣ ବୁଝାମଣାର ପୂର୍ଣ୍ଣ ରୂପ ଦେବାକୁ ଆରାଫତ୍‌ଙ୍କୁ ଓ ଆଇଜାକ୍ ରବିନ୍‌ଙ୍କୁ ୱାସିଂଟନ୍ ଡକାଇଲେ । ସମସ୍ତ ପ୍ରକାର ସନ୍ଧି ଓ ବନ୍ଧୁତା ଘୋଷଣା ହେବା ପରେ କ୍ଲିଣ୍ଟନ କହିଲେ, "ଏକ ମହାନ୍ ଐତିହାସିକ ଘଟଣା ଆମେ ନିଜେ ଆଖିରେ ଦେଖିଲୁ । ଏହା ଦ୍ୱାରା ଆମର ପରସ୍ପର ପ୍ରତି ବିଶ୍ୱାସ ଦୃଢ ହୋଇ ରହିବ ।" ରାବିନ ଓ ଆରଫତ୍‌ଙ୍କୁ ସେ କହିଲେ, "ଆଜିର ଦିନ ଆପଣମାନଙ୍କର ଦିନ ।" କାଲିର ଦିନ ଏମାନଙ୍କର, ସେଠାକୁ ଆସିଥିବା ଇସ୍ରାଏଲ୍‌ର ଓ ପାଲେଷ୍ଟାଇନ୍‌ର ପିଲାମାନଙ୍କୁ ଦେଖାଇ ସେ କହିଲେ ।

ପରସ୍ପର ଶତ୍ରୁତା କରୁଥିବା ଦୁଇଟି ରାଷ୍ଟ୍ର ଯେ ନିଜ ଭିତରେ ବୁଝାମଣା କରି ମିତ୍ରତା ପ୍ରାପ୍ତ କରି ପାରନ୍ତି, ଏହା ତାହାର ଏକ ଜ୍ୱଳନ୍ତ ଉଦାହରଣ ।



ଭାଗ୍ୟ

ରାମପୁର ଗ୍ରାମରେ ଲକ୍ଷ୍ମୀ ନାମରେ ସୁନ୍ଦରୀ ଓ ବୁଦ୍ଧିମତୀ ଝିଅଟିଏ ଥାଏ । ପିଲାବେଳେ ତା'ର ସହପାଠୀ ଥିଲେ ରାମ ଓ ଶେଖର । ଯୁବକ ବୟସ ହେବାରୁ ଦୁହେଁ ଚାକିରୀ ବାକିରୀ କଲେ । ଦୁହିଁଙ୍କର ଇଚ୍ଛାଥାଏ ଲକ୍ଷ୍ମୀକୁ ବିବାହ କରିବାକୁ । ଶେଖର ସୁବିଧା ଦେଖି ଲକ୍ଷ୍ମୀ ଆଗରେ ରାମର ବିରୁଦ୍ଧରେ କୁହେ; ଆଉ ନିଜର ବାହାଦୂରୀ କୁହେ; ଯାହାର ଅର୍ଥ ଲକ୍ଷ୍ମୀ ଶେଖରକୁ ବିବାହ କଲେ ସାରା ଜୀବନ ସୁଖୀ ହୋଇ ରହିବ । ଲକ୍ଷ୍ମୀ କିନ୍ତୁ ରାମକୁ ପସନ୍ଦ କରେ । ତେଣୁ ସେ କହେ, "ରାମ ପରି, ଧୀର, ଗୁଣବାନ୍, ଓ ବିବେକୀ ଯୁବକ ଏ ଗ୍ରାମରେ କେହି ନାହାନ୍ତି ।"

"ଆଚ୍ଛା ତୁ ପରୀକ୍ଷା କରି ଦେଖ, ଆମ ମଧ୍ୟରେ ମୂର୍ଖ କିଏ ବୁଦ୍ଧିମାନ କିଏ ?" ଶେଖର କହେ ।

ଦିନେ ଲକ୍ଷ୍ମୀ ସେ ଦୁହିଁଙ୍କୁ ଡାକି ପ୍ରତ୍ୟେକକୁ ପଚିଶ ଟଙ୍କା ଲେଖା ଦେଇ କହିଲା, "ମୋ ପାଇଁ ସହରରୁ କିଛି ଭଲ ଜିନିଷ ଆଣିବ ।"

ରାମକୁ ସେ କହିଲା, "ତମେ ଯାହା ଆଣିବ ମୋର ପସନ୍ଦ, କିନ୍ତୁ ଯେଉଁଠି ରୁହ, ଯେଉଁ କାମ କର, ସବୁସ୍ଥାନରେ ନିଜର ବିବେକ ବୋଧ ଭୂଲିଯିବ ନାହିଁ ।"

ଶେଖର ଶୁଣିଲା ରାମ ଯାହା ଆଣିବ ସେ ପସନ୍ଦ କରିବ । ସେ ଭାବିଲା ଯେ ରାମ କିଛି ନ ଆଣି ପାରିଲେ ଭଲ ହେବ । ସେଥିପାଇଁ ଜଣେ ଲୋକକୁ କିଛି ଲୁଚାଇ କହି ରଖିଲା ।

ଦୁଇଜଣ ସହରରେ ପହଞ୍ଚିବା ପୂର୍ବରୁ ଯେତେବେଳେ ଜଙ୍ଗଲ ବାଟ ଦେଇ ଯାଉ ଥିଲେ, ସେତେବେଳେ ଶେଖର ରାମକୁ କହିଲା, "ଏଇଠି କୌଣସି ଏକ ଗଛର କୋଟରରେ ମୁଁ ଶହେ ଟଙ୍କା ରଖିଥିଲି । ମୁଁ

Digitized by
Deb's Library Corner
https://t.me/debslibrarycorner

ଶଶିକଳା



ଚାହୁ ନଥିଲି କି କେହି ସେ ସ୍ଥାନକୁ ଜାଣୁ । ତୁମେ ଏଇଠି ଥାଅ, ମୁଁ ଧାଇଁ ଯାଇଁ ଗଛ କୋରଡରୁ ଟଙ୍କା ନେଇ ଆସେ ।''

ଶେଖର ଗଛ କୋରଡରେ ଟଙ୍କା ରଖିବା କଥା ରାମ ଆଦୌ ବିଶ୍ୱାସ କଲାନାହିଁ । କିନ୍ତୁ ଚୁପ୍ ରହିଲା; ଶେଖର କହିଲା, "ମୁଁ ବହୁତ ଦୁଃଖିତ ଯେ ତୁମକୁ ଏକେଲା ଛାଡି ଯାଉଛି । ତେବେ ଟିକିଏ ଜାଗ୍ରତ ଥିବ । ଏଠାରେ ଘୋର ଦସ୍ୟୁଙ୍କର ଭୟ ଅଛି । ତମେ ନିଜ ଟଙ୍କା ମୋତେ ଦିଅ ମୋ ପାଖରେ ସୁରକ୍ଷିତ ରହିବ ।'' ଏତିକି କହି ଲକ୍ଷ୍ମୀର ଟଙ୍କା ଧରି ସେ ସେଠାରୁ ଚାଲିଗଲା ।

ଶେଖର ଦ୍ୱାରା ନିଯୁକ୍ତ ହୋଇଥିବା ବ୍ୟକ୍ତି ସେମାନଙ୍କ ପଛେ ପଛେ ଆସୁଥିଲା । ରାମ ଜାଣିପାରି ନଥିଲା । ଶେଖର ତାକୁ ଗଛ ପଛ ଆଡେ କିଛି କଥା ଗୁପ୍ତରେ କହିଲା । ଲୋକଟି ରାମକୁ ଛୁରା ଦେଖାଇ ଟଙ୍କାସବୁ ନେଇ ଗଲା । ତା'ପରେ ଟଙ୍କାସବୁ ନେଇ ଶେଖରକୁ ଦେଲା । ଶେଖର ଅଳ୍ପ କିଛି ପାରିଶ୍ରମିକ ତାକୁ ଦେଲା । କିଛିସମୟ ପରେ ଶେଖର ଆସି ରାମକୁ ଭେଟିଲା । ରାମ ସବୁକଥା ସବିସ୍ତାରେ କହିସାରି ଶେଷରେ କହିଲା, "ତମେ ଯେପରି ଓ ଯାହା ଯାହା କହିଥିଲ ତାହାହିଁ ହେଲା । ତୁମ ଦୟାରୁ ଲକ୍ଷ୍ମୀର ଟଙ୍କା ତୁମ ପାଖରେ ଥିଲା ବୋଲି ରକ୍ଷା ହୋଇଗଲା ।''

ଦୁଇଜଣ ସହରରେ ପହଞ୍ଚି ଗହଣା ଦୋକନକୁ ଗଲେ । ଶେଖର ପଚିଶ ଟଙ୍କାରେ ଗହଣାଟିଏ କିଣିଲା । ରାମ ମଧ୍ୟ ପଚିଶ ଟଙ୍କାରେ କିଛି କିଣିବାକୁ ବାହାରି ବାରୁ, ଦୋକାନୀ ହସିହସି କହିଲା, "ବାବୁ, ସେପରି ଏକ ଗହଣାର ଦାମ୍ ଦୁଇଶହ, ତିନିଶହରୁ କମ୍ ହେବନାହିଁ । ଶେଖରବାବୁ ପୂର୍ବେ ଆମର ବହୁତ ଉପକାର କରିଛନ୍ତି ବୋଲି ତାଙ୍କୁ ଆମେ ପଚିଶ୍ ଟଙ୍କାରେ ଦେଇଦେଲୁ । ଆଜିକାଲି ପଚିଶ୍ ଟଙ୍କାରେ କି ଗହଣା ହେବ ।''

ରାମ ଭାବିଲା "ମୁଁ ଯାହା କିଣିବି ତାହା ତ ଶେଖରର ଜିନିଷ ସହିତ ତୁଳନା କରିହେବ ନାହିଁ । ଖାଲିଟାରେ କିଣିବି ବା କାହିଁକି ?'' ଶେଖର ଇତିମଧ୍ୟରେ ଦୋକାନୀ ପାଖକୁ

ଏକେଲା ଯାଇ ଧନ୍ୟବାଦ ଦେଇ ଫେରିଲା । କାରଣ ତାହାର କହିବା ଅନୁସାରେ ଦୋକାନୀ କାମ କରିଥିଲା । ଦୁଇଜଣ ଗ୍ରାମକୁ ଫେରିଲେ । ବାଟରେ ଶେଖର ରାମକୁ କହିଲା, "ତୁମେ ତ ତୁମର ସମସ୍ତ ଧନ ହରାଇଲ । ତୁମର ସାଧାରଣ ବୁଦ୍ଧି ଆଦୌ ନାହିଁ । ଲକ୍ଷ୍ମୀ ତୁମକୁ ବିବାହ କଲେ ବୋକାମୀ କରିବ । ମୋତେ ବିବାହ କଲେ ସାରା ଜୀବନ ଖୁସି ରହିବ । ତେଣୁ ମୋର ବୁଦ୍ଧି ଓ ଜ୍ଞାନ, ବିଷୟରେ ଲକ୍ଷ୍ମୀ ଆଗରେ ପ୍ରଶଂସା କରି କହିବ । ତେବେ ସେ ମୋତେ ବାହାହେବ ।"

"ତୁମେ ଠିକ୍ କଥା କହିଛ । ତୁମେ ବୁଦ୍ଧିମାନ । ଲକ୍ଷ୍ମୀ ତୁମକୁ ବିବାହ କରି ଖୁସିରେ ରହିବ ।" ରାମ କହିଲା । ଦୁହେଁ ଗ୍ରାମରେ ପହଞ୍ଚିବା ପୂର୍ବରୁ ଜଣେ ବିଦେଶୀ ଗୋଟିଏ ବଡ ଗଛ ତଳେ ବସିଥିବାର ଦେଖିଲେ । ସେହି ବ୍ୟକ୍ତିଟି ଏମାନଙ୍କ ବିଷୟରେ ପୁରା ବିବରଣୀ ଜାଣିବା ପରେ କହିଲେ, "ଜଣେ ଦେବତା ମୋତେ ନିର୍ଦ୍ଦେଶ ଦେଇ କହିଛନ୍ତି କି ମୁଁ ସବୁ ହତଭାଗ୍ୟ ଲୋକଙ୍କର ସାହାଯ୍ୟ କରିବି । ରାମକୁ ମୁଁ ହୀରାର ଏହି ହାରଟି ଦେଉଛି ।" ରାମ ତୁମକୁ ଯେଉଁ ବ୍ୟକ୍ତି ପସନ୍ଦ ତାକୁ ଏ ହାରଟି ଦେବ । ଭୁଲ୍‌ରେ ମଧ୍ୟ ଆଉ କାହାକୁ ଦେବନାହିଁ । ଆଉ ମନେ ରଖ ତମେ ଯଦି ସାଧୁ ସ୍ୱଭାବର ହେବ ତ ଭଗବାନ୍ ସର୍ବଦା ତୁମର ସହାୟତା କରିବେ ।"

ରାମର ଗହଣା ସହିତ ତୁଳନା କଲେ ଶେଖରର ଗହଣା କାହିଁ କେଉଁ ତଳେ ।





ଯାହାହେଉ ଲକ୍ଷ୍ମୀ ପାଖରେ ପହଞ୍ଚି ଶେଖର କହିଲା, "ରାମଟା ନିହାତି ମୂର୍ଖ । ତା' ଭାଗ୍ୟକୁ ତାକୁ ଭଲ ଅଳଙ୍କାର ମିଳିଗଲା । ସେଥିରେ ତା'ର ବାହାଦୂରୀ ବା କ'ଣ ?"

ଲକ୍ଷ୍ମୀ କହିଲା, "ଭଲମଣିଷଙ୍କ ଭାଗ୍ୟ ଅନୁକୂଳ ଥାଏ । ଏବେ ତୁମକୁ ଆହୁରି ଏକ ସୁଯୋଗ ଦେଉଛି । ପରଦିନ ପୁଣି ଦୁଇଜଣ ଲକ୍ଷ୍ମୀଠାରୁ ପ୍ରତ୍ୟେକ ପଚିଶ ଟଙ୍କା ଲେଖାଏଁ ଧରି ସହରକୁ ଗଲେ ।

ଜଙ୍ଗଲ ରାସ୍ତାରେ ଏଥର ମଧ୍ୟ ଚୋର ଆସିଲା । କିନ୍ତୁ ଏଥର ରାମକୁ ଛାଡି ଶେଖରକୁ ଧରି ସବୁ ଲୁଟି ନେଲା । ତା'ପରେ ଦୁଇଜଣ ଅଳଙ୍କାର ଦୋକାନକୁ ଗଲେ । ସେଦିନ କିନ୍ତୁ ଦୋକନୀ ରାମକୁ ଦେଖିବା ମାତ୍ରେ କହିଲା, "ମହାଶୟ, ଆପଣଙ୍କ ମୁହଁରେ ଭାଗ୍ୟ ବିରାଜମାନ କରୁଛି । ଆପଣଙ୍କ ପରି ଲୋକ ଆମ ଦୋକନରୁ ପଇସା ନଦେଇ କିଛି ନେଇ ଗଲେ ମଧ୍ୟ ଆମେ ଖୁସି; ନିଜକୁ ଭାଗ୍ୟବାନ ମନେ କରିବୁ । ରାମକୁ ମାଗଣା ନେବାକୁ ଭଲ ଲାଗିଲା ନାହିଁ, ତେଣୁ ସେ ପଚିଶ ଟଙ୍କା ଦେଇ ଛୋଟ ଗହଣାଟିଏ କିଣିଲା । ଫେରିବା ବାଟରେ ପୁଣି ସେହି ସାଧୁକୁ ସେମାନେ ଦେଖିଲେ ଓ ସବୁକଥା କହିଲେ । ଶେଖର ନିଜର ଦୟନୀୟ ପରିସ୍ଥିତି ଦେଖାଇ କହିଲା, "ସାଧୁଆଜ୍ଞା, ବାଟରେ ଚୋର ଆସି ମୋର ସବୁଧନ ଲୁଟି ନେଇଗଲା । ମୁଁ ଏବେ କରିବି କ'ଣ ?"

ସବୁକଥା ଶୁଣି ବିଦେଶୀ ସାଧୁ କହିଲେ, "ତୁମପରି ହତଭାଗ୍ୟ ପୃଥିବୀରେ ଦ୍ୱିତୀୟ କେହି ନାହିଁ । ସମୁଦ୍ର ମଝିରେ ବୁଡି ଯାଉଥିବା ଲୋକ ପାଇଁ ହାତ ବଢାଇଲେ ମଣିଷ ନିଜେ ବୁଡିଯାଏ । ଭାଗ୍ୟ ବା କିଏ ବଦଳାଇବ ? ରାମ ଭାଗ୍ୟବାନ । କାଲି ମୋତେ ଜଳ ଦେବତା କହିଲେ କି ରାମକୁ ମୁଁ ଯେପରି ସର୍ବଦା ସାହାଯ୍ୟ କରିବି ।" ଏତିକି କହି ସେ ରାମକୁ ହୀରାର ହାରଟିଏ ଦେଇ କୁଆଡେ ଚାଲିଗଲେ ।

ଦୁହେଁ ଲକ୍ଷ୍ମୀ ପାଖକୁ ଗଲେ । ରାମ ହାରଟି ଦେଲା । ସେ ରାମକୁ କହିଲା, "ଦୁର୍ଭାଗ୍ୟ ଲାଗି ରହିଥିଲା, କିନ୍ତୁ ଶେଷକୁ ଭାଗ୍ୟ ବିଜୟ

ଲାଭ କଲା ।'' ତା'ପରେ ଶେଖରକୁ କହିଲା, ''ତୁମର ଦୁର୍ଭାଗ୍ୟ ସେହି ପରି ରହିଲା । ଏସବୁ ସାଧୁତା ଓ ଅସାଧୁତାର ଫଳ ।''

ଏକଥା ଶୁଣି ଶେଖର ଯେତେବେଳେ ନିରାଶ ହୋଇ ଫେରୁଥିଲା । ତାକୁ ଲକ୍ଷ୍ମୀ ଡାକି କହିଲା, ''ତୁମେ ମୋତେ ଦେଇଥିବା ଗହଣା ନିଅ, ତୁମର ବିବାହିତା ଧର୍ମପତ୍ନୀକୁ ଦେବ । ଏହାକୁ ମୋ ପାଇଁ ରଖିବା କୌଣସି ଦିଗରୁ ନ୍ୟାୟ ସଙ୍ଗତ ନୁହେଁ ।

ଶେଖର କହିଲା, ''ମୁଁ ତୁମକୁ ବିବାହ ନକଲେ ମଧ୍ୟ ସ୍ନେହରେ ଦେଇଥିବା ଜିନିଷଟି ଫେରାଇ ଦେଉଛ କାହିଁକି ?''

''ଅନ୍ୟର ସମ୍ପତ୍ତି ମୁଁ ନିଜ ପାଖରେ ରଖିବାକୁ ପସନ୍ଦ କରେ ନାହିଁ । ତୁମର ପଡୋଶୀ ସୁନୟନାକୁ ପଠାଇଦେବ । ରାମକୁ ନକଲି ହୀରାର ହାର ସେ ମୋତେ ଦେଇଥିଲା । ତାକୁ ଫେରାଇବି ଶିଘ୍ର ।'' ଲକ୍ଷ୍ମୀ କହିଲା ।

ଶେଖର ବିସ୍ମିତ ହୋଇ କହିଲା, ''ଓହୋ, ତମେ ତେବେ ଇଚ୍ଛାକରି ବିଦେଶୀ ସାଧୁକୁ ପଠାଇ ମୋତେ ଠକେଇଛ ?''

''ସେଥିରେ ଅନ୍ୟାୟ କ'ଣ ଅଛି ? ସୁନୟନାର ଭାଇକୁ ଚେର ବନାଇ ତୁମେ ମୋତେ ଠକାଇଥିଲ ? ସୁନୟନା ମନେ ମନେ ତୁମକୁ ଭଲ ପାଏ । ସେକଥା ତା' ଭାଇ ଜାଣେ । ସେହିଁ ସାଧୁ ବନି ସେଠାରେ ବସିଥିଲା । ତମେ ଚିହ୍ନିପାରିଲ ନାହିଁ । ମୋର ଭାଗ୍ୟକୁ ସୁନୟନା ତୁମକୁ ଭଲ ପାଏ । ନହେଲେ ତୁମ ଠକାଇ କଥା ମୁଁ ଜାଣି ପାରି ନଥା'ନ୍ତି ।'' ଲକ୍ଷ୍ମୀ କହିଲା । ଲକ୍ଷ୍ମୀ କଥାରୁ ସେ ସବୁ ବୁଝିଗଲା । ମନେ ମନେ ଏକଥା ଜାଣି କୃତ୍ୟ କୃତ୍ୟ ହେଲା ଯେ ସୁନୟନା ପରି ସୁନ୍ଦରୀ ଓ ବୁଦ୍ଧିମତୀ ଝିଅକୁ ପାଇବା ଭାଗ୍ୟର କଥା, ଭଲ ମଣିଷଙ୍କର ସର୍ବଦା ସୌଭାଗ୍ୟ ଥାଏ । କୁଟୀଳ, ଛଳନା ପ୍ରିୟ ଲୋକ ମାନେ ନିଜର ତଥା ଅନ୍ୟର ଅନିଷ୍ଟ କରନ୍ତି । ଭଲ ମନ୍ଦ ଜଣା ପଡିଯାଏ । ଯିଏ ନିଜର ଭୂଲ୍ ବୁଝି, ନିଜକୁ ସୁଧାରି ନିଏ ତାକୁହିଁ ଭଲଲୋକ ବୋଲି କୁହାଯାଏ ।

ରାମ, ଲକ୍ଷ୍ମୀକୁ ଓ ଶେଖର, ସୁନୟନାକୁ ବିବାହ କଲେ । ସମସ୍ତେ ଖୁସିରେ ରହିଲେ ।



ସ୍ୱାଦ

ଚନ୍ଦ୍ରନାଥ ନାମକ ଏକ ଯୁବକ ବିଦ୍ୟାବତୀ ନଗରୀରୁ ରାଜଧାନୀକୁ ଚାକିରୀ ଖୋଜିବାକୁ ଆସିଥାଏ । ସେଠାରେ ଜଣେ ଲୋକ ତାକୁ କହିଲେ, "ରାଜାଙ୍କ ପାଖ ଲୋକମାନଙ୍କ ମଧ୍ୟରେ ଜୀବେନ୍ଦ୍ରନାଥ ଅଗ୍ରଗଣ୍ୟ, ତାଙ୍କ କଥା ରାଜା ଶୁଣନ୍ତି । ତମେ ତାଙ୍କରି ପାଖରେ ନିଜର ଭାଗ୍ୟ ପରୀକ୍ଷା କର । ମନେରଖ ପକ୍ଷୀମାନଙ୍କ ପ୍ରତି ତାଙ୍କର ଆକର୍ଷଣ ଅଛି । ଆଉ ଏବେ ତ ଦଶ ଦିନ ପରେ ତାଙ୍କର ଜନ୍ମ ଦିନ ।"

ଏସବୁ କଥା ଶୁଣିବା ପରେ ଚନ୍ଦ୍ରନାଥ ସୁନ୍ଦର ଶୁଆଟିଏ କିଣି ତାକୁ କଥା କହିବା ଶିଖାଇଲା । ଶୁଆଟି ବଡ ଶିଘ୍ର କଥାସବୁ ଶିଖି ପକାଇଲା । ଜୀବେନ୍ଦ୍ରଙ୍କ ଜନ୍ମଦିନରେ ଚନ୍ଦ୍ରନାଥ ସେଇଟି ତାଙ୍କୁ ଉପହାର ଦେଲା । ଶୁଆ ସଙ୍ଗେସଙ୍ଗେ କହିଲା, "ଆପଣଙ୍କ ଜନ୍ମ ଦିନରେ ମୋର ହାର୍ଦ୍ଦିକ ଶୁଭେଚ୍ଛା ।" ଜୀବେନ୍ଦ୍ର ଶୁଆଟିକୁ ଆଶ୍ଚର୍ଯ୍ୟ ହୋଇ ଚାହିଁଲେ ଓ କହିଲେ, "ଧନ୍ୟବାଦ ।" ଶୁଆ ତତ୍କ୍ଷଣାତ୍ କହିଲା, "ଧନ୍ୟବାଦ ।" ଜୀବେନ୍ଦ୍ରଙ୍କ ସହିତ ଚନ୍ଦ୍ରନାଥ ଚାକିରୀ ବିଷୟରେ କଥାବାର୍ତ୍ତା କଲା । ପାଞ୍ଚଦିନ ପରେ ପୁଣି ଥରେ ସେ ଯାଇ ତାଙ୍କ ସହିତ ଦେଖା କରିବାରୁ ଜୀବେନ୍ଦ୍ର କହିଲେ, "ଆଜିଠାରୁ ତମେ ଚାକିରୀରେ ଯୋଗଦିଅ । ମୁଁ ତୁମ ଚାକିରୀ କଥା ରାଜାଙ୍କୁ କହି କରାଇ ଦେଇଛି ।"

ଚନ୍ଦ୍ରନାଥ ନିଜର କୃତଜ୍ଞତା ପ୍ରକାଶ କଲା ଓ କହିଲା, "ଆଜ୍ଞା ଯେଉଁ ଶୁଆଟି ଦେଇଥିଲି କିମିତି ଲାଗିଲା ?"

"ବହୁତ ଭଲ ଲାଗିଲା । ପକ୍ଷୀମାନଙ୍କ ମଧ୍ୟରେ ଶୁଆର ମାଂସ ମୋର ବହୁତ ପ୍ରିୟ । ସେହିଦିନହିଁ ମୁଁ ରାନ୍ଧୁଣିଆକୁ ବରାଦ କରି କରାଇଥିଲି ।"

ଏକଥା ଶୁଣି ଚନ୍ଦ୍ରନାଥର ମଥା ଘୁରାଇ ଗଲା; ସେ ଭାବିଲା, "ଏ ଭୟଙ୍କର ଲୋକଟି ମୋତେ ମଧ୍ୟ ଦିନେ ରାନ୍ଧି ଖାଇ ପକାଇବ । ମୁଁ ଏଠି ଚାକିରୀ କରିବି ନାହିଁ, ଘରକୁ ଲେଉଟି ଯିବି ।"



ବିଚିତ୍ର ପୁଷ୍ପ

(୭)

(ରାଜା ପ୍ରତାପବର୍ମାଙ୍କ ଇଚ୍ଛା ଅନୁସାରେ, ଉତ୍ତୁଙ୍ଗ ତା'ର ବନ୍ଧୁମାନଙ୍କୁ ନେଇ "ଶତାବ୍ଦିକା" ଫୁଲ ତୋଳି ଆଣିଲେ । ସେହି ଦୁଇଦିନ ଭିତରେ ନୌକା ମଧ୍ୟ ତିଆରି ହୋଇ ଯାଇଥିଲା । ଉତ୍ତୁଙ୍ଗ ଜାତିର ପ୍ରଧାନ ଶମ୍ଭୁ, ଭଉଣୀ ରଜନୀ ଓ ଅନ୍ୟ କେତେକ ବନ୍ଧୁ ସମୁଦ୍ରକୂଳକୁ ଆସି ଉତ୍ତୁଙ୍ଗଙ୍କୁ ବିଦାୟ ଦେଲେ । ଉତ୍ତୁଙ୍ଗ ଏକେଲା ନାବରେ ଫୁଲ ବୋଝେଇ କରି ଜଳରାକ୍ଷସ ପାଖକୁ ଗଲେ । ତା'ପରେ ପଢନ୍ତୁ)

ଉତ୍ତୁଙ୍ଗ ଆଗରୁ ନୌକା ଚଳାଇଛନ୍ତି, କିନ୍ତୁ ସମୁଦ୍ରରେ ନୁହେଁ । ପାହାଡରୁ ଝରି ଆସୁଥିବା ଛୋଟ ଛୋଟ ପାହାଡି ନଦୀରେ ନୌକା ଚଳାଇବା ସହଜ । ନୌକା ନିଜେ ନିଜେ ସ୍ରୋତରେ ଭାସେ । କିନ୍ତୁ ଏଠାରେ ନୌକା ଚଳାଇବା କଷ୍ଟକର । ତଥାପି ତାଙ୍କ ମନରେ ଥିଲା ବିଜୟଲାଭ କରିବାର ଦୃଢ ସଂକଳ୍ପ ଓ ସାହସ । ସେଥିପାଇଁ କୌଣସି ପ୍ରକାରର କଷ୍ଟ ଓ ସମସ୍ୟା ତାଙ୍କର ବିଜୟ ପଥରେ କୌଣସି ବାଧା ସୃଷ୍ଟି କରିପାରୁ ନଥିଲା । ସେ ଯେ ଭଲଭାବରେ ନୌକା ଚାଳନା ଜାଣି ନାହାନ୍ତି ସେକଥା ତାଙ୍କ ମନ ମଧ୍ୟରେ ନାହିଁ । ଗୋଟିଏ କଥା କେବଳ ମନେ ଅଛି ଯେ ସେ ରାଜାଙ୍କୁ କଥା ଦେଇଛନ୍ତି; ତେଣୁ କଥା ରକ୍ଷାକରିବା ପାଇଁ ପ୍ରାଣ ବିସର୍ଜନ କରିବାକୁ ପଡିଲେ ମଧ୍ୟ ସେ

Digitized by
Deb's Library Corner
https://t.me/debslibrarycorner

କରିବେ । ତାଙ୍କର ଲକ୍ଷ୍ୟ ହେଉଛି ନିଜର ବଚନ ରକ୍ଷା କରିଲେ, ନିଜ ଜାତିର ଗୌରବ ଓ ସମ୍ମାନ ଉନ୍ନତ ହେବ ।

ସମୁଦ୍ର ଭିତରେ କିଛିବାଟ ଯିବା ପରେ ସମୁଦ୍ରର ଉତ୍ତାଳ ତରଙ୍ଗ କିଛିଟା କମ୍ ହେଲା । ଛୋଟ ଛୋଟ ଲହରୀ ଉପରେ ନୌକା ସୁନ୍ଦର ଭାବରେ ଆଗକୁ ବଢୁଥାଏ । ତା'ପରେ ଅଧିକ ଗଭୀର ଜଳ ମଧ୍ୟରେ ନୌକା ତୀବ୍ର ଗତିରେ ଆଗେଇଲା ।

କ୍ରମେ ଦିନ ଶେଷ ହୋଇ ଅନ୍ଧାର ମାଡି ଆସିଲା । ଆକାଶ ମେଘମୁକ୍ତ ଥିଲା । ତେଣୁ ନକ୍ଷତ୍ରମାନଙ୍କର ଆଲୋକରେ କିଛିଟା ଦୃଶ୍ୟମାନ ଥିଲା । ଯେକୌଣସି ମୁହୂର୍ତ୍ତରେ ଜଳରାକ୍ଷସ ବାହାରିପାରେ । ତେଣୁ ସେ ଅଧିକ ସାବଧାନ ହୋଇ ନୌକା ବାହିବାରେ ଲାଗିଲେ । କିଛିଦୂର ଯିବା ପରେ ଅକସ୍ମାତ୍ କୌଣସି କଳା ଆକାର ତାଙ୍କ ନୌକା ପଛରେ ଦେଖାଦେଲା । ତା'ପରେ ଦେଖିଲେ ସେହି କଳା ଆକାର ବିରାଟ ରୂପ ଧାରଣ କରି ନୌକା ପଛରେ ଆସିଲା । ତାକୁ ଦେଖି ମନେ ହେଲା, ସେହିଁ ଜଳରାକ୍ଷସ । ବିରାଟ ମୁଣ୍ଡ ଓ ଲମ୍ବା ହାତ, ପାଣି ଉପରେ ଅନାୟାସରେ ଚାଲି ଆସୁଛି ।

ଉତ୍ତୁଙ୍ଗ ଭାବିଲେ ଗଭୀର ସମୁଦ୍ର ମଝିରେ ଜଳରାକ୍ଷସ ସହିତ ଯୁଦ୍ଧ କରିବା ପାଇଁ ଦୁଃସାହସ କରିବା ମୂର୍ଖତା । ତେଣୁ ସେ ମନେ ମନେ ଠିକ୍ କଲେ କୌଣସି ସ୍ଥାନରେ ଭୂମି ଦେଖାଗଲେ ଯାହା ହେବ । ତେଣୁ ସେ ତୀବ୍ର ଗତିରେ ନୌକା ଚଳାଇଲେ, ପୁଣି ପଛକୁ ଚାହିଁ ଦେଖୁଥା'ନ୍ତି ଯେ ଜଳରାକ୍ଷସ ତାଙ୍କୁ ଅନୁସରଣ କରୁଛି ନା ନାହିଁ । କିଛି ଦୂର ପରେ ଛୋଟ ପାହାଡଟିଏ ତାଙ୍କର ଦୃଷ୍ଟିଗୋଚର ହେଲା । ସେ ମନକୁ ଦମ୍ଭ କରି ଶିଘ୍ର ନୌକା ଚଳାଇ ସେଠାରେ ପହଞ୍ଚିଲେ । କିନ୍ତୁ ସମୁଦ୍ର ଲହରୀମାନଙ୍କ ଯୋଗୁ ନୌକା ସ୍ଥିର ରହି ପାରୁ ନଥାଏ । ବହୁତ ଚେଷ୍ଟା କରି ମଧ୍ୟ ସେ ନୌକା ଲଗାଇ ପାରିଲେ ନାହିଁ । ଏହି ସମୟରେ ବିରାଟ ଏକ ଲହରୀ ଆସି ଉତ୍ତୁଙ୍ଗଙ୍କୁ ନେଇ ଦୁଇଟି ପଥର ମଝିରେ

ଥିବା ଚଟାଣରେ ଫିଙ୍ଗିଦେଲା । ନୌକାଟି ଅଧା ଓଲଟା ହୋଇ ରହିଲା । ଫୁଲସବୁ ଛିନ୍ନଛତ୍ର ହୋଇ ଏଣେ ତେଣେ ପଡିଲା ।



ଏହି ଆକସ୍ମିକ ଘଟଣା ପରେ ସେ ଟିକିଏ ସ୍ଥିର ହୋଇ ବସିଲେ । ଫୁଲତକ ଏକାଠି କଲେ ଓ ନାବକୁ ହାତରେ ଟେକି ସିଧା ରଖିଲେ । ତା'ପରେ ଅଳ୍ପ ସମୟ ପାଇଁ ବିଶ୍ରାମ ନେଲେ । ଏତେ ସବୁ ଘଟଣା ପରେ ସେ କ୍ଲାନ୍ତ ହୋଇ ପଡିଥା'ନ୍ତି । କିନ୍ତୁ ଦୃଷ୍ଟି ଦୂରରେ ଥିବା ଜଳରାକ୍ଷସ ଉପରେ ଥାଏ । 'ଶତାବ୍ଦୀକା' ଫୁଲ କିଛିଟା ଲହରୀ ଉପରେ ଭାସୁଥାଏ । ଚାରିଦିଗରେ ତା'ର ସୁଗନ୍ଧି ବ୍ୟାପି ରହିଥାଏ । ଉତ୍ତୁଙ୍ଗ ଭାବିଲେ ଜଳ ରାକ୍ଷସ ହୁଏତ "ଶତାବ୍ଦୀକା" ଫୁଲର ସୁଗନ୍ଧରେ ଆକର୍ଷିତ ହୋଇ ଆସିବ । କିନ୍ତୁ କେଉଁଠି କିଛି ହେଲେ ଦେଖାଯାଉ ନଥାଏ । ପଥର ଉପରେ ବସି ବିଶ୍ରାମ କରୁକରୁ ସେ ଭାବିଲେ, କ'ଣ କରିବେ, କ'ଣ ନ କରିବେ । ସାରାରାତି କିନ୍ତୁ ସେ ଅନିଦ୍ରା ହୋଇ ସେଇଠି ବସି ରହିଲେ ଓ ଜଳରାକ୍ଷର ଆଗମନ ପାଇଁ ସଜାଗ ଦୃଷ୍ଟି ରଖିଲେ ।

ଧୀରେ ଧୀରେ ସିନ୍ଦୁରା ଫାଟିଲା । ଭୋର୍ ହେବାରୁ ଚତୁର୍ଦ୍ଦିଗ ଆଲୋକିତ ହେଲା । ବହୁ ଦୂରରେ ଉତ୍ତୁଙ୍ଗ ଦେଖିଲେ ବିରାଟ କଳା ଏକ କିଛି ପାଣିରେ ଦେଖାଯାଉଛି; ସେ ଜାଣିଲେ ରାକ୍ଷସର ପିଠି ଦିଶୁଛି । ରାକ୍ଷସ ଧୀରେ ଧୀରେ ଜଳମଧ୍ୟକୁ ଚାଲିଗଲା । ତାଙ୍କର ରାଜାଙ୍କ କଥା ମନେ ପଡିଲା । ସେ କହି ଥିଲେ ଯେ ରାକ୍ଷସ ସୂର୍ଯ୍ୟୋଦୟ ପୂର୍ବରୁ ପୁଣି ଜଳ ମଧ୍ୟକୁ ଚାଲିଯାଏ । ଉତ୍ତୁଙ୍ଗ ଭାବିଲେ, "ଆହୁରି ଗୋଟିଏ ରାତି ଅପେକ୍ଷା କରିବାକୁ ହେବ । ଏଇ କଥା ଭାବି ଭାବି ସେ ବହୁତ କ୍ଲାନ୍ତ ହୋଇଥିବାରୁ ଶୋଇ ପଡିଲେ ।

ଏଣେ କଢଥିବା ଫୁଲ ଗୁଡିକ ଫୁଟି ସୁଗନ୍ଧ ବ୍ୟାପି ରହିଛି । ନୌକା ଭିତରେ ଅନେକ ଫୁଲ ଥାଏ । ଉତ୍ତୁଙ୍ଗ ନିଘୋଡ ନିଦରେ ଶୋଇଛନ୍ତି । କେତେ ସମୟ ଶୋଇଲେଣି ସେକଥା ସେ ଜାଣନ୍ତି ନାହିଁ ।

ହଠାତ୍ କେତେକ ସ୍ତ୍ରୀଲୋକଙ୍କ ହସରେ ତାଙ୍କ ନିଦ ଭାଙ୍ଗିଗଲା । ସେ ପଛକୁ ଚାହିଁ ଦେଖିଲେ, ଛ'ଜଣ ଯୁବତୀ କେଉଁଠୁ ଆସି ତାଙ୍କୁ ଘେରି ଠିଆ ହୋଇଛନ୍ତି । ସେମାନଙ୍କର ଭାଷା ଓ ବେଶଭୂଷା ଅତି ବିଚିତ୍ର । ହାତ ପାଦରେ ଫୁଲର ଅଲଙ୍କାର ଲଗାଇଛନ୍ତି ଓ ନାନା ରଙ୍ଗର ଲୁଗା ପିନ୍ଧି ଛନ୍ତି । 'ଶତାବ୍ଦୀକା' ପୁଷ୍ପ ସମସ୍ତେ ହାତରେ ପୁଳାଏ ଲେଖା ଧରିଛନ୍ତି । ଉତ୍ତୁଙ୍ଗ ଅପେକ୍ଷା କଲେ, ହୁଏତ ସେମାନେ ଫୁଲ ରଖି ଦେଇ ଚାଲିଯିବେ । କିନ୍ତୁ ସେମାନେ ଯିବାର ନାମ ଧରୁନାହାନ୍ତି । ଉତ୍ତୁଙ୍ଗ ଦେଖିଲେ ସେମାନେ ଯାଉ ନାହାନ୍ତି; ତେଣୁ ସେ ବାଧ୍ୟ ହୋଇ ଠାରି ଠାରି କହିଲେ, "ମୁଁ ଏହି ପୁଷ୍ପ ମାଣିକ୍ୟପୁରୀ ରାଜ୍ୟରୁ ଆଣିଛି । କୌଣସି ଏକ ଜରୁରୀ କାର୍ଯ୍ୟ ପାଇଁ ମୁଁ ଏହାକୁ ନେଇଯାଉଛି । ଆପଣମାନେ ଦୟାକରି ଫୁଲକୁ ନୌକାରେ ରଖି ଦିଅନ୍ତୁ । ସୂର୍ଯ୍ୟାସ୍ତ ହେବା ମାତ୍ରେ ମୁଁ ଏଠାରୁ ବାହାରି ଯିବି ।" ଜଳରାକ୍ଷସ ବିଷୟରେ ସେମାନଙ୍କୁ କହିବାକୁ ତାଙ୍କର ଇଚ୍ଛା ହେଲା ନାହିଁ ।

ସେମାନେ 'ମାଣିକ୍ୟପୁରୀ' ଶବ୍ଦଟି ବାରମ୍ବାର କହି କେବଳ ହସୁଥା'ନ୍ତି । ଉତ୍ତୁଙ୍ଗ ନୌକା ପାଖକୁ ଯାଇ ସେମାନଙ୍କୁ ଇଶାରା କରି କହିଲେ, "ଆପଣମାନେ ଏହିଠାରୁ ଫୁଲ ନେଇଛନ୍ତି ନା ?"

ସେମାନେ ମଥା ହଲାଇ ସ୍ୱୀକାର କଲେ । ତେଣୁ ଉତ୍ତୁଙ୍ଗ ପୁଣି କହିଲେ, "ତେବେ ଏଇଠି ରଖିଦିଅନ୍ତୁ ।"

ସେମାନେ ଠାରିଠୁରି କ'ଣ ସବୁ କହିଲେ ଯେ ଉତ୍ତୁଙ୍ଗ ବୁଝି ପାରିଲେ ନାହିଁ । ଉତ୍ତୁଙ୍ଗ କହିଲେ, "ସେ ଫୁଲଗୁଡିକ ମୋର, ସବୁତକ ନୌକାରେ ରଖିଦିଅନ୍ତୁ ।"

ତଥାପି ସେମାନେ କିଛି ନଶୁଣି ଫୁଲ ଶୁଙ୍ଘୁଥା'ନ୍ତି ଓ ହସୁଥା'ନ୍ତି । ତା'ପରେ ଜଣେ ଯୁବତୀ ଉତ୍ତୁଙ୍ଗ ପାଖକୁ ଆସି ତାକୁ ସ୍ପର୍ଶ କରି ଦୂରକୁ ଠାରି କ'ଣ ଦେଖାଇ ଦେଇ କଛି କହିଲା । ଉତ୍ତୁଙ୍ଗଙ୍କର ମନେ ହେଲା ସେମାନେ କହୁଛନ୍ତି, "ଏହି ଫୁଲସବୁ ନେଇ

RAZI

ଆମେ ଘରକୁ ଯାଉଛୁ, ତମେ ଆମ ସହିତ ଆସିବ କି ?''

ଉତ୍ତୁଙ୍ଗ ମଧ୍ୟ ଠାରିଠୁରି କହିଲେ, "ହଁ ମୁଁ ତୁମ ସହିତ ଆସିବି, କିନ୍ତୁ ମୋ ଫୁଲ ଫେରାଇ ଦେବ ।'' ତା'ପରେ ସେ ଯିବାକୁ ପ୍ରସ୍ତୁତ ହେଲେ । ଦେଖିଲେ ନୌକାରେ ଫୁଲ ପ୍ରାୟ ନାହିଁ, ଫୁଲର ଗଛ ଓ ଡାଳ ଅଛି । ନୌକାଟି ଅଧା ଜଳ ଓ ଅଧା ସ୍ଥଳରେ ଥିଲା । ତାକୁ ଉପରକୁ ଟାଣି ରଖି, ଫୁଲଗଛତକ ହାତରେ ଧରି ଚାଲିଲେ ।

ସେମାନେ ଦୂରରେ ଅପେକ୍ଷା କରିଥିଲେ । ଉତ୍ତୁଙ୍ଗ ସେମାନଙ୍କୁ ଅନୁସରଣ କଲେ, ଓ ଚୁପଚାପ୍ ଚାଲୁ ଚାଲୁ ସେମାନଙ୍କ ଭାଷା ବୁଝିବାକୁ ଚେଷ୍ଟା କରୁଥା'ନ୍ତି । ମଝିରେ ମଝିରେ ସେମାନେ ବୁଲିପଡି ପଛକୁ ଚାହାନ୍ତି, ଉତ୍ତୁଙ୍ଗ ଆସୁଛନ୍ତି ନା ନାହିଁ । କିଛିଦୂର ବାଲୁକା ପ୍ରାନ୍ତରରେ ଚାଲିବା ପରେ ଲାଲ୍ ମାଟିର ପ୍ରାନ୍ତର ପଡିଲା, ସେଠାରେ ଚାରିପଟେ ପାହାଡ । ସବୁଜ ଗଛଲତାରେ ଅତି ସୁନ୍ଦର ଦେଖା ଯାଉଛି । ଗ୍ରାମ ଭିତରକୁ ଯିବା ପରେ ସେମାନେ ଉତ୍ତୁଙ୍ଗଙ୍କୁ କିଛି କହିଲେ ଓ ପଚାରିଲେ । ତା'ପରେ ନିକଟସ୍ଥ ଏକ କୁଟୀରକୁ ଯାଇ ସେମାନେ କବାଟ ବାଡେଇଲେ; ଜଣେ ଭଦ୍ର ମହିଳା ବାହାରି ଆସିଲେ । ଜଣେ ଯୁବତୀ ତାଙ୍କ ହାତରେ ଫୁଲତକ ଧରାଇ ଦେଇ କହିଲେ, "ଦେଖ, ଆମେ ଏକ ବିଚିତ୍ର ପୁଷ୍ପ ଆଣିଛୁ । ସୁନ୍ଦର ସୁଗନ୍ଧି, ନୁହେଁ ?''

"ବହୁତ ସୁନ୍ଦର ଫୁଲ ଓ ଚମତ୍କାର ସୁଗନ୍ଧ; କେଉଁଠାରୁ ଏ ବିଚିତ୍ର ପୁଷ୍ପ ଆଣିଲ ?'' ପ୍ରୌଢା ସ୍ତ୍ରୀ ଜଣକ ପଚାରିଲେ ।

"ଆମେ ସମୁଦ୍ରକୂଳକୁ ଯାଇଥିଲୁ । ଏହି ଯୁବକକୁ ଦେଖିଲୁ ଶୋଇଛି । ତା'ରି ପାଦ ପାଖକୁ ନୌକାଟିଏ ଥିଲା । ତାହାରି ଭିତରୁ ଏହି ଫୁଲ ଆଣିଛୁ । ଆମେ ଭାବିଲୁ ଆମ ପାଇଁ ସେ ଆଣିଛି ବୋଲି । ମନେ ହେଉଛି ସେ ମାଣିକ୍ୟପୁରୀରୁ ଆସିଛି । ସେତିକି ଯାହା ବୁଝିଲୁ । ଆଉ କିଛି ତା'କଥାରୁ ବୁଝି ହେଲାନାହିଁ । ଦେଖିବାକୁ ମଧ୍ୟ ଯୁବକଟି

ସୁନ୍ଦର ।'' ଜଣେ ଯୁବତୀ କହିଲା ।

''ହଁ, ହଁ ବେଶ୍ ସୁନ୍ଦର । ମୁଁ ଏବେ ତା' ସହିତ କଥା କହି ସବୁ ବୁଝି ନେବି । ତୁମେ ସବୁ ଭିତରକୁ ଯାଅ ।'' ପ୍ରୌଢା ସ୍ତ୍ରୀଲୋକ କହିଲେ । ତା'ପରେ ସେ ଇଶାରା କରି ଉତ୍ତୁଙ୍ଗକୁ ପାଖକୁ ଡାକି ଠାରି କହିଲେ, ''ଏଇଠି ବସ''

ତା'ପରେ ସେ ଭିତରକୁ ଗଲେ । ଉତ୍ତୁଙ୍ଗ ସେହି ପିଣ୍ଡାରେ ପଥର ଖୁଣ୍ଟକୁ ଆଉଜି ବସି ଭାବୁଥାଏ । ମନେ ହେଲା ଏହି ଘର ବୋଧହୁଏ ଗ୍ରାମର ପ୍ରଧାନଙ୍କ ଘର । କିଛି ସମୟ ପରେ ପୂର୍ବୋକ୍ତ ସ୍ତ୍ରୀଲୋକଟି ଭିତରୁ ବାହାରକୁ ଆସିଲେ, ହାତରେ ତାଙ୍କର ଥାଳୀଟିଏ । ଥାଳୀ ଭିତରେ ଗିନାସବୁ ଓ ପାଣିପାତ୍ର । କିଛି ଖାଦ୍ୟ ଓ ପାଣି ସେ ଉତ୍ତୁଙ୍ଗକୁ ଦେଇ ଖାଇବାକୁ ଠାରିଲେ ।

ଉତ୍ତୁଙ୍ଗ କେବଳ ପାଣିପାତ୍ରଟି ନେଇ ପାଣି ପିଇଲେ । ଝିଅମାନେ ଫୁଲଗୁଡିକ ଭିତରକୁ ନେଇଯାଇଥା'ନ୍ତି । ଉତ୍ତୁଙ୍ଗ ଭାବିଲେ, ଯଦି ସୁଗନ୍ଧି ପାଇ ଜଳରାକ୍ଷସ ଆକର୍ଷିତ ହୋଇ ଆସେ ତ ସମଗ୍ର ଗ୍ରାମ ସିଧା ଯମାଳୟକୁ ଯିବ । ପରେ ସେ ଭାବିଲେ ଯେ ସେଠାରେ ଥିବା ପାହାଡ ପର୍ବତ ସମୁଦ୍ରତଟ ପାଖର ଗ୍ରାମକୁ ଘେରି ରହିଛି । ସେ ଜଳରାକ୍ଷସ ଆସି ପାରିବ ନାହିଁ । ପାହାଡ ମଝିରେ ଛୋଟ ଗଳି ରାସ୍ତାଟିଏ । ସେଥିରେ ସେହି ଜଳରାକ୍ଷସ ଆସିବାର ପ୍ରଶ୍ନ ନାହିଁ । କିନ୍ତୁ ପାଣିରେ ପଡିଥିବା ଫୁଲସବୁ ଦେଖି ସେ ଆକର୍ଷିତ ହୋଇ ଆସିପାରେ । ପୁଣି ଭାବିଲେ, ''ଏମାନେ ମୋତେ ତ ସାହାଯ୍ୟ କରନ୍ତେ । ଏମାନେ ଜଳରାକ୍ଷସ ବିଷୟରେ ନିଶ୍ଚୟ ଜାଣିଥିବେ । ନିକଟସ୍ଥ ସମୁଦ୍ରରେ ତା'ର ରହିବା ସ୍ଥାନ ଯଦି ଜାଣିଥିବେ ତେବେ ତାଙ୍କ ପାଖରୁ ଜଳରାକ୍ଷସ ବିଷୟରେ କିଛି ଖବର ସଂଗ୍ରହ ମଧ୍ୟ କରାଯାଇ ପରନ୍ତା । ତାହା ମୋତେ ବହୁତ ସାହାଯ୍ୟ କରିବ ।'' ଏହି ପରି ଗଭୀର ଭାବନାରେ ମଗ୍ନ ଥିବା ବେଳେ କେହି ଜଣେ ବିଶାଳକାୟ ବ୍ୟକ୍ତି ପଛରୁ ଆସି ତାଙ୍କ ପିଠି ଥାପୁଡାଇ ପଚାରିଲେ,

"ତୁମେ କେଉଁଠୁ ଆସିଛ ?"

ଉତ୍ତୁଙ୍ଗ କ'ଣ ଉତ୍ତର ଦେବେ ? ଯାହା ହେଉ କହିଲେ, "ମାଣିକ୍ୟପୁରୀ ରାଜ୍ୟର ଶୃଙ୍ଗମାୟ ପର୍ବତ ପାଖରୁ ଆସିଛି । ମୋ ନାମ ଉତ୍ତୁଙ୍ଗ ।"

"ଶୃଙ୍ଗମାୟ ପର୍ବତ ପାଖରୁ ଆସିଛ ? ଶୁଣି ମନ ବଡ ଆନନ୍ଦ ହେଲା । ଭିତରକୁ ଆସ ।" ଏତିକି କହି ତାଙ୍କୁ ସେ ଭିତରକୁ ନେଇ ଗଲା । ସେ ଉତ୍ତୁଙ୍ଗଙ୍କ ସହିତ କଥାବାର୍ତ୍ତା କରିବାରୁ ଉତ୍ତୁଙ୍ଗଙ୍କର ମନ ଖୁସି ହେଲା । ସେ ତାଙ୍କ ଭାଷା ଜାଣିଥିଲେ ।

କିନ୍ତୁ ପରକ୍ଷଣରେ ମନରେ ସନ୍ଦେହ ହେଲା କି ଯଦି ସେ ତାଙ୍କୁ ବନ୍ଦୀ କରିବ, ତେବେ ତାଙ୍କର ଲକ୍ଷ୍ୟ କିପରି ପ୍ରାପ୍ତ ହେବ ? ପୁଣି ଭାବିଲେ, "ଯଦି ସେମାନେ ମୋତେ ମାରିବାକୁ ଚେଷ୍ଟା କରିବେ, ତେବେ ମୁଁ କିପରି ତାଙ୍କ ସହିତ ଏକେଲା ଲଢିବି ? ଯଦି ଛାଡି ଦେବେ, ତେବେ "ଶତାବ୍ଦିକା" ଫୁଲ କିପରି ପାଇବି । ଫେରାଇ ନଦେଲେ ମୁଁ ଲେଉଟିଯିବି ବା କିପରି । ରାଜା ଓ ଶମ୍ଭୁଙ୍କୁ ଯାଇ କ'ଣ ବା ମୁଁ କହିବି ? ତା'ଛଡା ଯଦି ଜଳଜନ୍ତୁ ଏଠାକୁ ଆସେ ତେବେ ତ କଥା ସରିଲା । ଏମାନେ କ'ଣ ତା ସହିତ ଲଢାଇ କରିବେ ନା ଦୌଡି ପଳାଇବେ । ଦୁଃଖର କଥା ଏହି ଯେ ମୋ ଯୋଗୁ ଏମାନେ ଅପଥା କଷ୍ଟ ପାଇବେ । ମୁଁ ରାକ୍ଷସ କଥା କହିବି ନା ନାହିଁ ?" ପୁଣି ସେ ଭାବିଲେ ରାକ୍ଷସ କଥା ଏମାନେ ନିଶ୍ଚୟ ଜାଣିଥିବେ ତା' ବିଷୟରେ ଥିବା ଗୁଢ ରହସ୍ୟ ମଧ୍ୟ ହୁଏତ ଏମାନେ ଜାଣିଥିବେ ଏଥର ଉତ୍ତୁଙ୍ଗ "ଭାବିଲେ ଯେ ଯଦି ଏହି ଲୋକଟି ଆମ ଭାଷା କହି ମୋତେ ପ୍ରଶ୍ନ ପଚାରିବ, ମୁଁ ତ ସବୁକଥା କହିଦେବି ଏବଂ ମୋର ଗୁରୁ ଦାୟିତ୍ୱ ହୁଏତ ଲାଘବ ହେବ । ତେଣେ ସେ ତା' ନିଜ ପଟରୁ କିଛି ନପଚାରିଲେ ମୁଁ ବା କାହିଁକି ତାକୁ କହିବି ।"

ତା'ପରେ କଥା କହୁ କହୁ ଦୁହେଁ କୁଟୀର ଭିତରକୁ ଗଲେ । (କ୍ରମଶଃ)



ଚିତ୍ରବର୍ଣ୍ଣଙ୍କ କାହାଣୀ

ନିଶା ଗରଜୁଥାଏ । ତୁହାକୁ ତୁହା ଶୀତଳ ପବନ ସାଙ୍ଗକୁ ଝିପିଝିପି ବର୍ଷା ମଧ୍ୟ ହେଉଥାଏ । ଆଖପାଖର ବଣବୁଦା ଭିତରୁ ଭାସି ଆସୁଥାଏ ସାଇଁସାଇଁ ପବନ । ଘଡଘଡି ଓ ଶ୍ୱାନଶ୍ୱାପଦଙ୍କ ରଡି ସହିତ ମଝିରେ ମଝିରେ ଶୁଭୁଥାଏ ଅଶରୀରୀ ମାନଙ୍କର ଅଟ୍ଟହାସ୍ୟ । ଘନଘନ ବିଜୁଳି ଆଲୁଅରେ ଦିଶିଯାଉଥାଏ ଭୟାବହ ମୁହଁଟିମାନ । କିନ୍ତୁ ରାଜା ବିକ୍ରମାର୍କ ତିଳେ ମଧ୍ୟ ବିଚଳିତ ବୋଧ ନ କରି ପୁନର୍ବାର ସେହି ପ୍ରାଚୀନ ବୃକ୍ଷଟି ପାଖକୁ ଲେଉଟି ଆସିଲେ ଓ ବୃକ୍ଷାରୋହଣ କରି ଶବଟିକୁ ଉତାରି ଆଣିଲେ । ତେବେ ତାକୁ କାନ୍ଧରେ ପକାଇ ସେ ସେହି ଶୁନ୍‌ଶାନ୍ ପଥ ଅତିକ୍ରମ କରିବାକୁ ଆରମ୍ଭ କରିବା ମାତ୍ରେ ଶବସ୍ଥିତ ବେତାଳ କହିଲା, "ହେ ରାଜନ୍, ପ୍ରତ୍ୟେକ ଥର ତମେ

ବେତାଳ କଥା

ବିଫଳ ହେବା ସତ୍ତ୍ୱେ ନିରାଶ ହେଉ ନାହିଁ । କାର୍ଯ୍ୟସିଦ୍ଧି ପାଇଁ ତୁମର ଆଗ୍ରହ ଦେଖି ମନେହୁଏ ତମେ ମଣିଷମାନଙ୍କ ମଧ୍ୟରେ ଅଗ୍ରଗଣ୍ୟ । ମୋ କଥା ମନ ଦେଇ ଶୁଣ; ସମୟବୋଧର ଅଭାବରୁ ଅନେକ ବୀର ଓ ନୀତିବାନ୍ ବ୍ୟକ୍ତି ମଧ୍ୟ ଦୁଃଖ ପାଇଥା'ନ୍ତି । ସେମାନଙ୍କର ପ୍ରତିଶୋଧର ଅଗ୍ନିରେ ନିଜେ ଜଳିଥା'ନ୍ତି । ତୁମ ଭିତରେ ଏ ତ୍ରୁଟି ଥିଲେ ତୁମକୁ ମଧ୍ୟ ଅସୁବିଧା ଭୋଗିବାକୁ ପଡିବ । ଆରମ୍ଭରେ ହୁଏତ ତୁମେ ସାଫଲ୍ୟ ଲାଭ କରିପାର । କିନ୍ତୁ ଶେଷରେ ତୁମେହିଁ ହାରି ଯିବ । ଚିତ୍ରବର୍ଣ୍ଣ ନାମକ ରାଜାଙ୍କ ଜୀବନ କାହାଣୀ କହୁଛି ମନ ଦେଇ ଶୁଣ; ଶୁଣିଲେ ଶ୍ରମଭାର ଲାଘବ ହେବ।" ବେତାଳ ଗପିଲା—

"ଚିତ୍ରବର୍ଣ୍ଣ ସୋନୀର ଦେଶର ରାଜା ଥିଲେ । ତାଙ୍କର ବିବାହ ହୋଇଥିଲା ପଦ୍ମଗିରି ରାଜ୍ୟର ରାଜକୁମାରୀ ରାଗିଣୀଙ୍କ ସହିତ । ରାଗିଣୀ ଥିଲେ ସୁନ୍ଦରୀ ଓ ବୁଦ୍ଧିମତୀ । ପୁଣି ଶାସନ କାର୍ଯ୍ୟରେ ତାଙ୍କର ଜ୍ଞାନ ଥିଲା ଯଥେଷ୍ଟ । ତେଣୁ ସେ ମଧ୍ୟେ ମଧ୍ୟେ ରାଜାଙ୍କୁ ଶାସନକାର୍ଯ୍ୟରେ ସାହାଯ୍ୟ କରୁଥିଲେ ।

ସୋନିର ପାଖରୁ ଚାରିକୋଶ ଦୂରରେ ଥିଲା ଏକ ଜଙ୍ଗଲ । ଜଙ୍ଗଲ ଭିତରେ ଥିଲା ଏକ କାଳୀ ମନ୍ଦିର । ରାଜ୍ୟର ପ୍ରଥା ଥିଲା, ରାଜା ବର୍ଷକୁ ଥରେ ମନ୍ଦିରକୁ ଏକେଲା ଯିବେ । ଦିନେ ରାଜା ମନ୍ଦିରକୁ ଘୋଡାଚଢି ଯାଉଥିଲେ, ମନ୍ଦିରରେ ପହଞ୍ଚିବା ପୂର୍ବରୁ ଜଙ୍ଗଲ ମଧ୍ୟରୁ କୌଣସି ସ୍ତ୍ରୀର ଆର୍ତ୍ତନାଦ ଶୁଣିପାରିଲେ । ସେ ଘୋଡା ଫେରାଇ ଶବ୍ଦ ଆସୁଥିବା ଦିଗରେ ଗଲେ; ଘଟଣାସ୍ଥଳରେ ପହଞ୍ଚି ଦେଖିଲେ ରାକ୍ଷସଟିଏ ଜଙ୍ଗଲି ଜାତିର ଝିଅଟିକୁ ଗିଳିବାକୁ ଯାଉଛି । ରାଜା ହାତରେ ତରବାରୀ ଧରି କହିଲେ, "ରେ ମୂଢମତି ରାକ୍ଷସ, ମୋ ସହିତ ଯୁଦ୍ଧ କର । ଖାଇଲେ ମୋତେ ଖାଇବୁ । ସେହି ନିଃସହାୟ ଝିଅଟିକୁ ଗିଳିବାକୁ ବସିଛୁ; କେଉଁ ବୀରତ୍ୱର ଲକ୍ଷଣ ?"

ରାକ୍ଷସ, ଚିତ୍ରବର୍ଣ୍ଣଙ୍କୁ ଚାହିଁ କହିଲା, "ତୁ ମୋ ସହିତ ଲଢ଼ିବୁ ? ଅତ୍ୟନ୍ତ ଅବାନ୍ତର କଥା ।" କହି ରାକ୍ଷସ ଅଟ୍ଟହାସ୍ୟ କଲା । ତା'ପରେ ସେ ଝିଅଟାକୁ ଛାଡ଼ିଦେଇ, ଆଖି କୁରାଳଚକ୍ର ପ୍ରାୟେ ବୁଲାଇ ଚିତ୍ରବର୍ଣ୍ଣଙ୍କୁ ଚାହିଁ ଗର୍ଜ୍ଜନ କରି କହିଲା, "ସାବଧାନ, ଏବେ ପଳାଇବାର ଚେଷ୍ଟା କରନା । ତୁ ଜଣେ ସାଧାରଣ ମଣିଷ । ମୁଁ ରାକ୍ଷସଙ୍କ ମଧ୍ୟରେ ଅଗ୍ରଗଣ୍ୟ । ଆମେ ଖୁବ୍ ଧର୍ମରକ୍ଷା କରିପାରୁ । କେବଳ ଭୋକିଲା ଥିଲେ ଆମେ ଧର୍ମ ମାନୁନାହୁଁ । ତୋ ସହିତ କିପରି ଲଢ଼ିବି ? ତୁ ଏତେ ସାନ; ଆଉ ମୁଁ କେଡ଼େ ବଡ଼ ? ଯଦି କହୁଛୁ ତ ଲଢ଼ିବା ।" ଏତିକି କହି ସେ ତା'ର ଶରୀରକୁ ସାନ କରିଦେଲା ।

ଏସବୁ ଦେଖି ଚିତ୍ରବର୍ଣ୍ଣ ଆଶ୍ଚର୍ଯ୍ୟ ହୋଇ ଚାହିଁଥା'ନ୍ତି । ରାକ୍ଷସ କହିଲା, "ଏବେ ତଲବାର ସୃଷ୍ଟି କରିବାର ମନ୍ତ୍ର ମୋର ମନେ ପଡୁନାହିଁ । ତେଣୁ ତଲବାର ଫିଙ୍ଗି ଦେ, ଆମେ ମଲ୍ଲ ଯୁଦ୍ଧ କରିବା ।"

ଯୁଦ୍ଧର ଧର୍ମରକ୍ଷା କରିବାକୁ ଯାଇ ଚିତ୍ରବର୍ଣ୍ଣ ତଲବାର ଫିଙ୍ଗି ଦେଲେ । ତା'ପରେ ହେଲା ଦୁହିଁଙ୍କର ଘମାଘୋଟ ଲଢ଼ାଇ । ରାକ୍ଷସର ବଳ ବେଶୀ, ହେଲେ ଚିତ୍ରବର୍ଣ୍ଣ ମଲ୍ଲଯୁଦ୍ଧର ଅନେକ କୌଶଳ ଜାଣିଥା'ନ୍ତି । ଅଳ୍ପସମୟ ମଧ୍ୟରେ ରାକ୍ଷସ କ୍ଳାନ୍ତ ହୋଇ ପଡ଼ିବାରୁ ରାଜା ତା'ଉପରେ ମୁଷ୍ଟିକ ପ୍ରହାର କରି ଚାଲିଲେ ।

କଷ୍ଟରେ ଆର୍ତ୍ତନାଦ କରି ରାକ୍ଷସ ତଳେ ପଡ଼ିଗଲା ଓ ତତ୍‌କ୍ଷଣାତ୍ ଅଦୃଶ୍ୟ ହୋଇ ଗଲା । ଅଦୃଶ୍ୟ ହେବା ପୂର୍ବରୁ କହିଗଲା, "ତମେ କେବଳ ଧୈର୍ଯ୍ୟଶାଳୀ ନୁହଁ, ବଳଶାଳୀ ମଧ୍ୟ, ତୁମ ବୀରତ୍ୱର ତୁଳନା ନାହିଁ ।"

ଜଙ୍ଗଲି ଝିଅଟି ରାଜାଙ୍କ ପାଦରେ ପଡ଼ି କହିଲା, "ମହାଶୟ, ମୋର ନାମ ଗିରିକା । ମୁଁ ବଣମୁଲକର ମୁଖିଆଙ୍କ ଝିଅ । ଚମେଲି ଫୁଲ ତୋଳିବାକୁ ଆସି ଏଇ ଦଶା । ଆପଣ ମୋ ଜୀବନ ରକ୍ଷା କଲେ । ଆପଣଙ୍କର ଅସାମାନ୍ୟ ବୀରତ୍ୱ ଯୋଗୁ ମୁଁ ଆଜି ରକ୍ଷା

ପାଇଲି ।"

ରାଜା ଅଳ୍ପ ହସି ତାକୁ ଚାହିଁ ଦେଖିଲେ । ବେକରେ ନାନା ରଙ୍ଗ ବେରଙ୍ଗର ମାଳି, ଦେହରେ ରଙ୍ଗୀନ୍ ଲୁଗା ଓ ମଥାରେ ରଙ୍ଗୀନ୍ ପକ୍ଷୀସବୁ ଖୋସି ସେ ବନଦେବୀଙ୍କ ପରି ଲାଗୁଥିଲା । ତା'ପରେ ସେ କହିଲେ, "ଗିରିକା, ମୁଁ ମା'କାଳୀଙ୍କ ପୂଜା କରିବାକୁ ଆସିଛି । ଆମ ରାଜ୍ୟର ପ୍ରଥା ଅନୁସାରେ ମୁଁ ଥରେ ଏକେଲା ଯାଇ ପୂଜା କରିବି । ଏବେ ତମେ ଘରକୁ ଯାଅ । ତୁମ ମା' ବାପା ତୁମ ପଥ ଚାହିଁ ବସିଥିବେ । ଏପରି ଘୋର ଜଙ୍ଗଲ ମଧ୍ୟକୁ ଆଉ କେବେ ଏକାଟିଆ ଆସିବ ନାହିଁ । ବଡ ବିପଦଜନକ ସ୍ଥାନ ।

ରାଜା କହିବା ସତ୍ତ୍ୱେ, ସେ ଘରକୁ ନ ଯାଇ ରାଜାଙ୍କୁ ଅନୁସରଣ କରି କାଳୀମନ୍ଦିରକୁ ଆସିଲା । କିଛି ସମୟ ବାହାରେ ରହିଲା; ତା'ପରେ ହାତରେ ପୁଷ୍ପଗୁଚ୍ଛ ଧରି କାଳୀ ମନ୍ଦିରର ଭିତରକୁ ଗଲା ଓ ପୂଜା କଲା । ମନେହେଲା ଏଡେବଡ ବିପଦରୁ ଉଦ୍ଧାର ପାଇ ସେ ମା'କାଳୀକୁ ପୂଜା କରି, ତାଙ୍କ ପାଖରେ କୃତଜ୍ଞତା ଦେଖାଉଛି । ତା'ପରେ ରାଜା ବୁଝିପାରିଲେ ଗିରିକା କିଛି କହିବାକୁ ଚାହୁଁଛି; ହୁଏତ ସଙ୍କୋଚବଶତଃ କହିପାରୁ ନାହିଁ ।

ରାଜା କହିଲେ, "ମନେହୁଏ ତୁମେ କିଛି କହିବାକୁ ଚାହୁଁଛ । ନିଃସଙ୍କୋଚରେ କୁହ । ମୁଁ ଏ ଦେଶର ରାଜା ଚିତ୍ରବର୍ଣ୍ଣ ।"

କିଛି ସମୟ ସ୍ତବ୍ଧ ହୋଇ ରହିବା ପରେ ଗିରିକା କହିଲା, "ଏ ପର୍ଯ୍ୟନ୍ତ ମୁଁ ଜାଣି ନଥିଲି ଯେ ଆପଣ ଏ ଦେଶର ରାଜା । ଆପଣ ମା' କାଳୀଙ୍କୁ କ'ଣ ପ୍ରାର୍ଥନା କରୁଥିଲେ ଜାଣେ ନାହିଁ । କିନ୍ତୁ ମୁଁ ପ୍ରାର୍ଥନା କରୁଥିଲି, ଆପଣଙ୍କୁ ପତି ରୂପରେ ପାଇବାକୁ ।" ତା'କଣ୍ଠରେ ଥିଲା ନିରାଶା ।

ରାଜା କିଛି କହିବାକୁ ଯାଉଛନ୍ତି, ଏହି ସମୟରେ ଜଣେ ବଣୁଆ ଯୁବକ, ସେଠାରେ ଆସି ପହଞ୍ଚି କହିଲା, "ଗିରିକା, ତୁମେ ଏଇଠି ଅଛ ? ମୁଁ ତୁମକୁ ବଣର ଗଳିକନ୍ଦି ବୁଲି ବୁଲି ଖୋଜୁଛି ।" ତା' ସ୍ୱରରେ ଥିଲା ଆତୁରତା ।

ସେହି ଯୁବକକୁ ଗିରିକା ସବୁ ଘଟଣା କହିଲା । ଶେଷରେ କହିଲା, "ଏଇ ତ ମୋତେ ରାକ୍ଷସ କବଳରୁ ବଞ୍ଚାଇଲେ । ଏହି ହେଉଛନ୍ତି ରାଜା ଚିତ୍ରବର୍ଣ୍ଣ ।"

ଯୁବକଟି ରାଜାଙ୍କୁ ପ୍ରଣାମ କରି କହିଲା, "ମହାରାଜ ଆପଣ ଗିରିକାକୁ ରକ୍ଷାକରି ମୋର ବଡ ଉପକାର କଲେ । ରାକ୍ଷସ ଯଦି ଗିରିକାକୁ ଖାଇ ଯାଇଥା'ନ୍ତା ତ, ମୁଁ ତା'ବିନା ଆତ୍ମହତ୍ୟା କରିଥା'ନ୍ତି । ମୁଁ ତା' ବିନା କ୍ଷଣେ ହେଲେ ବଞ୍ଚିପାରିବି ନାହିଁ ।"

ଅଳ୍ପ ହସି ରାଜା କହିଲେ, "ଆଚ୍ଛା, ତେବେ ଏପରି କଥା ? ଗିରିକା ପ୍ରତି ତୁମର ପ୍ରେମ ବିଷୟ ମୁଁ ଏବେ ତୁମ ମୁହଁରୁ ଶୁଣିଲି । କିନ୍ତୁ ସେ ତ ମୋ ପ୍ରତି ଅଧିକ ପ୍ରେମ ଭାବ ପ୍ରକାଶ କରିଥିଲା ।"

ନିରାଶ ସ୍ୱରରେ ଯୁବକଟି ପଚାରିଲା, "ଗିରିକା, ଏକଥା କ'ଣ ସତ୍ୟ ?"

ଗିରିକା "ହଁ" ଭରିଲା । ରାଜା ଦୀର୍ଘଶ୍ୱାସ ପକାଇ ବନଯୁବକକୁ କହିଲେ, "ଏହି ସମସ୍ୟା ସମାଧାନ ହେବା ପାଇଁ ମାତ୍ର ଗୋଟିଏ ମାର୍ଗ ଅଛି । ଏକଥା ସତ ଯେ ମୁହିଁ ରାକ୍ଷସକୁ ହରାଇଲି, ତୁମେ ନୁହଁ । ତେଣୁ ତମେ ଯଦି ମଲ୍ଲଯୁଦ୍ଧରେ ମୋତେ ହରାଇ ପାରିବ, ତେବେ ଗିରିକା ତୁମର ।" ଯୁବକଟି ତାଙ୍କ କଥାରେ ସ୍ୱୀକୃତ ହେଲା । ଗିରିକା ମଧ୍ୟ ଏହି ସର୍ତ୍ତରେ ରାଜି ହେଲା ।

ପରକ୍ଷଣରେହିଁ ମଲ୍ଲଯୁଦ୍ଧ ଆରମ୍ଭ ହୋଇ ଗଲା । ଅଳ୍ପସମୟ ମଧ୍ୟରେ ଘୁଷିମାରି

ଯୁବକଟି ରାଜାଙ୍କୁ ବହୋସ କରି ପକାଇ ଦେଲା । ଅଳ୍ପସମୟ ପରେ ରାଜାଙ୍କର ଚେତା ଫେରିଲା ରାଜା ଉଠି ଠିଆ ହେଲେ ଓ କହିଲେ, "ଗିରିକା, ଏବେ ସର୍ତ୍ତ ଅନୁସାରେ ତୁମେ ଏହାଙ୍କୁ ବିବାହ କରି ସୁଖରେ ରହ ।" ଏତିକି କହି ରାଜା ଘୋଡାରେ ଚଢି ରାଜାଧାନୀକୁ ଚାଲିଗଲେ ।

ଏହି ଘଟଣାର ଅନେକ ଦିନ ପରେ ରାଜାଙ୍କ ଜନ୍ମଦିନ ଅବସରରେ ରାଜଧାନୀରେ ନାନା ପ୍ରକାର ଯୁଦ୍ଧ କୌଶଳର ପ୍ରତିଯୋଗିତା ହେଉଥାଏ । ଶେଷଦିନ ଜଣାଗଲା ମଲ୍ଲଯୁଦ୍ଧରେ ଗିରିକାର ସ୍ୱାମୀ ବିଜେତା ଘୋଷିତ ହେଲା । ରାଜାଙ୍କର ଯେତେ ମଲ୍ଲ ସେଠାରେ ଉପସ୍ଥିତ ଥିଲେ ସମସ୍ତିଙ୍କୁ ସେ ହରାଇଲା । ରାଜା ତାକୁ ପୁରସ୍କାର ଦେବା କଥା । କିନ୍ତୁ ତା' ପରିବର୍ତ୍ତେ ରାଜା ନିଜେ ମଲ୍ଲଯୁଦ୍ଧ କରିବାକୁ ବାହାରିଲେ । ଗିରିକା ମଧ୍ୟ ସେଠାରେ ଉପସ୍ଥିତ ଥିଲା ଓ ତା' ସ୍ୱାମୀ ନିଶ୍ଚୟ ଜିତିବ ବୋଲି ଭାବି ଉତ୍ସୁକ ହୋଇ ଅପେକ୍ଷା କରିଥିଲା । କିନ୍ତୁ ଅଳ୍ପସମୟ ମଧ୍ୟରେ ରାଜା, ବନଯୁବକକୁ ମଲ୍ଲଯୁଦ୍ଧରେ ହରାଇ ଦେଲେ । ଅବଶ୍ୟ ରାଜା ତାକୁ ବହୁତ ପୁରସ୍କାର ଦେଲେ କାରଣ ଗୋଟି ଗୋଟି କରି ସମସ୍ତ ମଲ୍ଲବୀରଙ୍କୁ ସେ ହରାଇ ଥାଏ ।" ବେତାଳ ଗଳ୍ପଟି କହିସାରିବା ପରେ, ରାଜାଙ୍କୁ କହିଲେ, "ରାଜନ୍, ଗିରିକା ବିଷୟରେ ରାଜାଙ୍କର ବ୍ୟବହାରରୁ ଜଣା ଯାଏ ନାହିଁକି ତାଙ୍କର ସମୟ ବୋଧ ନାହିଁ ଓ ତାଙ୍କର ଚଞ୍ଚଳବୁଦ୍ଧି ଥିଲା । ପ୍ରଥମେ ଗିରିକାର ସୌନ୍ଦର୍ଯ୍ୟରେ ସେ ମୁଗ୍ଧ ହେବାରୁ ମନେହେଲା ସେ ଗିରିକାକୁ ବିବାହ କରିବାକୁ ଚାହୁଁଥିଲେ । କିନ୍ତୁ ଯୁବକର କଥା ଶୁଣି ତାଙ୍କର ମନ ପରିବର୍ତ୍ତନ ହେଲା । ଯଦି ରାକ୍ଷସ ଧର୍ମ ରକ୍ଷା ନ କରିଥା'ନ୍ତା, ତେବେ ତ ରାଜାଙ୍କୁ ଗିଳି ପକାଇ ଥା'ନ୍ତା । ପୁଣି ଯୁବକ ସହିତ ମଲ୍ଲଯୁଦ୍ଧରେ ଲଢିବାକୁ ଚାହିଁବା ତ ଏକ ଅବାନ୍ତର କଥା । ପୁଣି ତାକୁ ହରାଇବା ଦ୍ୱାରା ମନେ ହେଉନାହିଁ କି ଯୁବକପ୍ରତି ତାଙ୍କର ପ୍ରତିଶୋଧ ଓ ଇର୍ଷ୍ୟା

ଭାବ ଥିଲା ବୋଲି ? ମୋର ଏହି ସବୁ ସନ୍ଦେହର ଉତ୍ତର ଯଦି ଜାଣି ନ ଦେବ, ତ ତୁମର ଶିର ହେବ ସ୍କନ୍ଧଚ୍ୟୁତ ।"

ରାଜା ବିକ୍ରମ କହିଲେ, "ଯେତେବେଳେ ରାଜା ଗିରିକାକୁ ଦେଖିଲେ, ସେତେବେଳେ ଜଣେ ଅସହାୟା ନାରୀକୁ ରାକ୍ଷସ ଖାଇ ଯାଉଛି । ଜଣେ ପ୍ରକୃତ ବୀର ପୁରୁଷ ଓ ରାଜାର କର୍ତ୍ତବ୍ୟ ହିସାବରେ ସେ ଯାହା କରିବାର କରିଛନ୍ତି । ସେ ଭୟଭୀତ ହୋଇ ନାହାନ୍ତି । ରାକ୍ଷସର ବିଶାଳ ଶରୀର ଦେଖିବା ସତ୍ତ୍ୱେ ମଧ୍ୟ ସେ ତଲବାର ନେଇ ଯୁଦ୍ଧ କରିବାକୁ ପ୍ରସ୍ତୁତ ହେଲେ, ତାହା ତାଙ୍କର ବୀରତ୍ୱର ସୂଚନା ଦିଏ । ରାଜା ଅଦ୍ଭୁତ ସୁନ୍ଦରୀ ଗିରିକାକୁ ଦେଖିଲେ ସତ, କିନ୍ତୁ ତାକୁ ବିବାହ କରିବାକୁ ଇଚ୍ଛା କେବେ ମଧ୍ୟ ପ୍ରକାଶ କରିନାହାନ୍ତି । ଯଦି ବା ସେପରି ଇଚ୍ଛା ଥା'ନ୍ତା ତେବେ ବଣର ସେହି ଯୁବକକୁ ସେ ସହଜରେ ହରାଇ ଗିରିକାକୁ ବିବାହ କରିପାରିଥା'ନ୍ତେ । ଗିରିକାର କୃତଜ୍ଞତା ଜନିତ ପ୍ରେମଭାବକୁ ବ୍ୟର୍ଥ କରିବାକୁହିଁ ସେ ଇଚ୍ଛା କରି ଯୁବକ ପାଖରେ ହାର ମାନିଲେ । କାରଣ ରାଜାଙ୍କ ବୀରତ୍ୱରେ ମୁଗ୍ଧ ହୋଇ, ଗିରିକା ତା'ର ପୂର୍ବପ୍ରେମକୁ ଭାଙ୍ଗି ଦେଇ ରାଜାଙ୍କୁ ବିବାହ କରିବାକୁ ଚାହିଁ ଥିଲା । ପୁଣି ଯୁବକକୁ ମଲ୍ଲଯୁଦ୍ଧରେ ରାଜା ହରାଇ ନଥିଲେ ବଣରେ ରାଜାଙ୍କୁ ହରାଇବା କଥା କହି ବୁଲନ୍ତା, ଯାହା ଥିଲା ରାଜାଙ୍କର ଇଚ୍ଛାକୃତ । ତେଣୁ ସମସ୍ତ ଘଟଣା ଏକତ୍ର କରି ଦେଖିଲେ ଜଣାପଡ଼େ ଯେ ରାଜା ଜଣେ ମହାନ୍ ବୀର; ତାଙ୍କର ସମୟ ଜ୍ଞାନ ଯଥେଷ୍ଟ ଅଛି । ଏବଂ ସ୍ୱଭାବ ଦୃଢ଼ । ସେଠାରେ ବ୍ୟକ୍ତିଗତ ଈର୍ଷ୍ୟା ଆଦୌ ନାହିଁ ।"

ଉତ୍ତର ଦେବା ଯୋଗୁ ରାଜା ବିକ୍ରମଙ୍କର ମୌନ ଭଙ୍ଗ ହୁଅନ୍ତେ, ପୂର୍ବ ସର୍ତ୍ତ ଅନୁସାରେ ବେତାଳ ରାଜାଙ୍କ କାନ୍ଧରୁ ପୁଣି ଖସି ଯାଇ ପୂର୍ବୋକ୍ତ ବୃକ୍ଷରେ ଝୁଲି ପଡ଼ିଲା ।

(ଆର୍.ଭି. ରାଜୁଙ୍କ ରଚନା ଉପରେ ଆଧାରିତ ।)

ହାତୀ

ଗୋଲକ ଚୌଧୁରୀ ଓ ହରି ଚୌଧୁରୀ ବସି ପଶା ଖେଳୁଥାନ୍ତି । ଦୁହେଁ ଘନିଷ୍ଠ ବନ୍ଧୁ; ପୁଣି ଦୁହେଁ ଜମିଦାର ।

ଏହି ସମୟରେ ଜଣେ ଲୋକ ସେଠାରେ ପହଞ୍ଚି କହିଲା, "ବାବୁମାନେ, ଗୋଟାଏ ଜରୁରୀ କାମରେ ଆସିଛି । ମୋର ହାତୀଟିଏ ଅଛି । ଏବେ ସେଥିରୁ ରୋଜଗାର କମି ଯାଉଛି । ଆଉ ବେଶି କାମ ସେ କରିପାରୁ ନାହିଁ । ଯଦି ସେଇଟି କିଣନ୍ତେ, ମୁଁ କୃତଜ୍ଞ ହୁଅନ୍ତି ।"

ଗୋଲକ ଚୌଧୁରୀ ହରି ଚୌଧୁରୀଙ୍କୁ ପଚାରିଲେ, "କ'ଣ କରାଯିବ ?"

ହରି ଚୌଧୁରୀ ପଶା ଗୋଟି ଚଳାଉ ଚଳାଉ କହିଲେ, "ହାତୀ ବଞ୍ଚିଲେ ଦଶହଜାର, ମଲେ ଦଶହଜାର । ଆଉ ପଚାରୁଛନ୍ତି ? କିଣି ପକାନ୍ତୁ ।"ହାତୀ କିଣା ହେଲା ।

କିଛିଦିନ ପରେ ହରି ଚୌଧୁରୀ, ପୁଣି ପଶା ଖେଳ ପାଇଁ ଗୋଲକ ଚୌଧୁରୀଙ୍କ ଘରକୁ ଆସିଥିଲେ । ବାଟରେ ଦେଖିଲେ ପୂର୍ବୋକ୍ତ ହାତୀର ମୃତ ଦେହ କେତେକ ଲୋକ ବଡ କଷ୍ଟରେ ନେଉଛନ୍ତି । ସେ ଆବାକ୍ ହୋଇ ଅନାଇ ରହିଲେ ।

ପଛରୁ ତାଙ୍କ ବନ୍ଧୁ ଗୋଲକ ବାବୁ ଆସି କହିଲେ, "ହାତୀ ମରିଗଲା । କିନ୍ତୁ କେତେଥର ପିଠିରେ ମାତ୍ର ବସାଇଛି । ତାକୁ ଏତେଦିନ ପୋଷିଲି ଓ ପୁଣି ମରିବା ପରେ ପୋତିବା ଇତ୍ୟାଦି ଖର୍ଚ୍ଚ ମିଶି, ତୁମ କହିବା ଅନୁସାରେ ଦଶହଜାର ହେବ ନିଶ୍ଚୟ । ସେତକ ସିଧା ପାଣିରେ ପଡିଲା । କାରଣ ହାତୀଟି ଥିଲା ମାଈ, ଦାନ୍ତ ମଧ୍ୟ ନାହିଁ । ଏ ଘଟଣା ପରେ ଆଜି ପଶା ଖେଳ ବରଂ ବନ୍ଦ ରଖିବା ।"

କରିପାରିବା, ସେତେବେଳେ ଆମ ଦୃଷ୍ଟିକୋଣ ବଦଳିଯିବ ଓ ଆମେ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଅଧିକ ଉତ୍ତମ ଭାବରେ ରୂପ ଦେଇ ପାରିବା । ପ୍ରଖ୍ୟାତ କବି ରବିନ୍ଦ୍ରନାଥ ଠାକୁରଙ୍କର ଭ୍ରାତୃଷ୍ପୁତ୍ର ହେଲେ ଅବନୀନ୍ଦ୍ରନାଥ । ଠାକୁର ପରିବାର ଯେତେବେଳେ କଳାର ବିଭିନ୍ନ ବିଭବକୁ ଅତି ସୁନ୍ଦର ଭାବରେ ରୂପ ଦେଇ ଜନମନ ଆକର୍ଷଣ କରିଛନ୍ତି ଠିକ୍ ସେତିକିବେଳେ ଅର୍ଥାତ୍ କଳାର ଉତ୍କର୍ଷ ସମୟରେହିଁ ଅବନୀନ୍ଦ୍ରଙ୍କର ଜନ୍ମ ।

ତାହା ଥିଲା ୧୮୭୧ ସାଲ । କଳାଶିକ୍ଷାର ପ୍ରାରମ୍ଭରେ ସେ ଇଂରେଜ ଓ ଇଟାଲୀୟ କଳା ଦ୍ୱାରା ପ୍ରଭାବିତ ହୋଇଥିଲେ ଓ ଅନୁକରଣ କରୁଥିଲେ । ପରେ ଶ୍ରୀ ଏଚ.ଭି. ହାବଲଙ୍କ ସହ ପରିଚୟ ହେବା ପରେ ଭାରତୀୟ କଳାପ୍ରତି ସେ ଆକୃଷ୍ଟ ହେଲେ ଓ ତାହାକୁ ଅଧିକ ସମୃଦ୍ଧ କରିବା ପାଇଁ ପ୍ରଚେଷ୍ଟା କଲେ । ଯଦିଓ ସେ ପାଶ୍ଚାତ୍ୟ ଚିତ୍ରକଳାକୁ ଅନୁକରଣ କଲେ, ତଥାପି ଭାରତୀୟ କଳାକୁ ମଧ୍ୟ ତାଙ୍କ କଳାର ପ୍ରଧାନ ଅଂଶ ଭାବରେ ରୂପ ଦେଇଥିଲେ । ସେ "ଇଣ୍ଡିଆନ୍ ସୋସାଇଟି ଅଫ୍ ଓରିଏଣ୍ଟାଲ୍ ଆର୍ଟ" ନାମକ ସଂସ୍ଥାଟିଏ ସ୍ଥାପନ କଲେ । ଅନେକ ଚିତ୍ରଶିଳ୍ପୀ ସେଠାରୁ ପ୍ରେରଣା ପାଇଛନ୍ତି । ନନ୍ଦଲାଲ୍ ସେମାନଙ୍କ ମଧ୍ୟରୁ ଅନ୍ୟତମ । ୧୯୫୧ ମସିହାରେ ତାଙ୍କର ମୃତ୍ୟୁ ହୋଇଥିଲା ।

ତୁମେ ଜାଣ କି ?

୧. ଆମ ଦେଶରେ ରାଷ୍ଟ୍ରର ପୁନର୍ଗଠନ କେବେ ହେଲା ?
୨. କେଉଁ ଦେଶରେ ଗତ ଦଶବର୍ଷ ଧରି ପରମାଣୁ ବୋମା ନାହିଁ ?
୩. "ପଞ୍ଚତନ୍ତ୍ର" ର କାହାଣୀ ଗୁଡିକ, କେଉଁ ରାଜାଙ୍କ ଶାସନ କାଳରେ, ଜନପ୍ରିୟ ହୋଇଥିଲା ?
୪. "ପ୍ରକୃତି ସଂସାର ନିଧି" ନାମକ ସଂସ୍ଥାର ଚିହ୍ନରେ କେଉଁ ଜନ୍ତୁର ରୂପ ରହିଛି ?
୫. ଆମ ଦେଶରେ ରେଳଗାଡି କେଉଁଠି ତିଆରି ହୁଏ ?
୬. କେଉଁ ଯାନ, ବାତାବରଣକୁ ସର୍ବାପେକ୍ଷା କମ୍ ଦୂଷିତ କରେ ?
୭. "ଦଶକୁମାର ଚରିତ" (ସଂସ୍କୃତ) ର ଲେଖକ କିଏ ?
୮. "ମାଳତୀ ମାଧବ"ର ରଚୟିତା କିଏ ?
୯. "ଆର୍ଯ୍ୟସମାଜ"ର ପ୍ରତିଷ୍ଠାତା କିଏ ?
୧୦. ଆୟାତୁଲ୍ଲା ଖୋମିନୀ ଇରାନର ଶାସନ କେବେ ହାତକୁ ନେଲେ ?
୧୧. ଆମ ଦେଶରେ ୧୦୦ବର୍ଷ ପୂର୍ବରୁ କେତୋଟି ପତ୍ରିକା ପ୍ରକାଶ ପାଉଥିଲା ?
୧୨. "କ୍ୱିଟ୍ ଇଣ୍ଡିଆ" ର ଘୋଷଣା କେବେ ହେଲା ?
୧୩. ଦେବନାଗରୀ ଲିପି ଥିବା ମୁଦ୍ରା ପ୍ରଥମେ କେଉଁ ବାଦଶାହ ଆରମ୍ଭ କଲେ ?
୧୪. ସ୍ୱର୍ଗତଃ କୁନ୍ଦନଲାଲ୍ ସାଇଗଲ୍ କେଉଁଥିପାଇଁ ପ୍ରସିଦ୍ଧ ଥିଲେ ?
୧୫. "ମୋନାଲିସା" କେଉଁ ପୃଥିବୀ ବିଖ୍ୟାତ ଚିତ୍ରଶିଳ୍ପୀଙ୍କ କୃତୀ

ଉତ୍ତର

୧. ୧୯୫୬
୨. ନ୍ୟୁଜିଲାଣ୍ଡ
୩. ଚନ୍ଦ୍ରଗୁପ୍ତ, ବିକ୍ରମାଦିତ୍ୟ
୪. ପାଣ୍ଡା
୫. ମାନ୍ଦ୍ରାସର ପେରମ୍ବୁରରେ
୬. ସାଇକେଲ୍
୭. ଦଣ୍ଡୀ
୮. ଭବଭୂତି
୯. ଦୟାନନ୍ଦ ସରସ୍ୱତୀ
୧୦. ୧୯୭୯ରେ
୧୧. ୩୬ଟି
୧୨. ୧୯୪୨, ଅଗଷ୍ଟ ୮
୧୩. ଶେରଶାହ
୧୪. ସଂଗୀତ
୧୫. ଲିଓନାର୍ଦ୍ଦୋ ଦା ଭିନ୍ସି ।

ଆମଦେଶର ପଶୁପକ୍ଷୀ

ଚମରୀ ମୃଗ

ପାହାଡୀ ଅଞ୍ଚଳରେ ରହୁଥିବା ଚମରୀ ମୃଗକୁ ଚମରୀ ଗୋରୁ ବୋଲି ମଧ୍ୟ କୁହାଯାଏ । ଏହି ଜାତିର ମୃଗ କାଶ୍ମୀର ଠାରୁ ସିକ୍କିମ ପର୍ଯ୍ୟନ୍ତ ଥିବା ତରାଇ ବନରେ ଅଧିକ ସଂଖ୍ୟାରେ ଦେଖିବାକୁ ମିଳନ୍ତି ।

ଏମାନେ ସାଧାରଣ ଗାଈଠାରୁ କିଛିଟା ବଡ ଓ ଅଧିକ ଶକ୍ତିଶାଳୀ । ଏମାନଙ୍କ ଉଚ୍ଚତା ପ୍ରାୟ ୧୭୦ରୁ ୧୮୫ ସେଣ୍ଟିମିଟର । ଅନାୟାସରେ ଏମାନେ ଗଛରେ ଚଢିପାରନ୍ତି । ସେମାନେ ସମୁଦ୍ର ପତନଠାରୁ ୪,୩୦୦—୬୦୦୦ ମିଟର ଉଚ୍ଚତାରେ ରହିପାରନ୍ତି । ସେମାନଙ୍କର ଶରୀରର ବର୍ଣ୍ଣ କଳା ଓ ତାହା ବଡ ବଡ ଲୋମରେ ପୂର୍ଣ୍ଣ । ଏହି ଲୋମ ଯୋଗୁ ବହୁତ ଥଣ୍ଡା ଏମାନେ ସହ୍ୟ କରିପାରନ୍ତି ।

ଏମାନେ କେବଳ ଜଙ୍ଗଲରେହିଁ ରହୁଥିଲେ । ଏବେ କିନ୍ତୁ ମଣିଷମାନେ ଏମାନଙ୍କୁ ଧରି ଗୃହପାଳିତ ପଶୁ କରିପକାଉଛନ୍ତି । ବେଳେବେଳେ ବୋଝ ବୋହିବାରେ, ଛୁଆଙ୍କୁ ପିଠିରେ ବସାଇବାରେ ଓ ଉଠାଣି ରାସ୍ତା ଚଢିବା କାମରେ ସେମାନେ ସାହାଯ୍ୟ କରନ୍ତି ।

ଏମାନଙ୍କ ସ୍ୱଭାବ ଏକାଠି ରହିବା । ଏମାନେ ଗଛଗହଳରେ ରହନ୍ତି, ଅଳ୍ପ ଗଛ ଥିଲେ ମଧ୍ୟ ରହନ୍ତି ।



ଆଧୁନିକ ଭାରତୀୟ ଚିତ୍ରଶିଳ୍ପୀ

ଶ୍ରୀ ଅବନୀନ୍ଦ୍ର ନାଥ ଠାକୁର

"ମନୋହର ପ୍ରାକୃତିକ ଦୃଶ୍ୟକୁ ତୁଳୀ ଓ ରଙ୍ଗରେ ରୂପ ଦେବା ପାଇଁ ତମେ ବଗିଚ୍ୟକୁ ବା ନଦୀତଟକୁ ବା ବନଜଙ୍ଗଲକୁ ଯାଉଛ; ପତ୍ରପୁଷ୍ପଭରା ବୃକ୍ଷଲତା ଦେଖି ତୁମେ ତାକୁ ତୁଳୀରେ ରୂପ ଦେବାକୁ ଚେଷ୍ଟା କରୁଛ । ମୁଁ ଦେଖିଛି ତମେ ସେତେବେଳେ ଆଙ୍କିବାରେ ମଗ୍ନ ହୋଇ ରହିଥାଅ । ପ୍ରକୃତିର ସୌନ୍ଦର୍ଯ୍ୟକୁ ଏତେ ସହଜରେ ରୂପ ଦେବାକୁ ତମେ ଚେଷ୍ଟା କରୁଛ ଦେଖି ମୋତେ ଆଶ୍ଚର୍ଯ୍ୟ ଲାଗେ । ସୌନ୍ଦର୍ଯ୍ୟ କେବଳ ବାହ୍ୟ ଭାବରେ ନଥାଏ । ତମର ଭଲ ଭାବରେ ଜାଣିବା ଉଚିତ୍ ଯେ ତାହା ଥାଏ ହୃଦୟର ନିଭୃତ ପ୍ରଦେଶରେ; ଅନ୍ତରାଳରେ ତାହା ଲୁଚି ରହିଥାଏ । ମହାକବି କାଳୀଦାସଙ୍କ କବିତା ପଢି ତୁମେ ତୁମ ହୃଦୟକୁ ଆନନ୍ଦିତ କର । ତା'ପରେ ଖୋଲା ଆକାଶକୁ ଦେଖ । ସେତେବେଳେ ଯାଇ ତମେ ନୀଳଗଗନରେ ଭାସି ଯାଉଥିବା ବାଦଲଗୁଡିକର ପ୍ରକୃତ ସୌନ୍ଦର୍ଯ୍ୟ ଅବଲୋକନ କରିପାରିବ । ଆଦିକବି ବାଲ୍ମୀକୀ ସମୁଦ୍ରର ଯେଉଁ ସୁନ୍ଦର ବର୍ଣ୍ଣନା ଦେଇଛନ୍ତି, ତାକୁ ପ୍ରଥମେ ପଢି ତାପରେ ଅନନ୍ତ ନୀଳ ସମୁଦ୍ର ଉପରେ ଦୃଷ୍ଟି ସଂଚାରଣ କରି ଆନନ୍ଦ ଉପଭୋଗ କର । ତା'ପରେ ଚେଷ୍ଟା କର ତାକୁ ରୂପ ଦେବାକୁ ବା ବର୍ଣ୍ଣନା କରିବାକୁ ।"

ବିଖ୍ୟାତ କଳାକାର ଅବନୀନ୍ଦ୍ରନାଥ ଠାକୁର ତାଙ୍କ ଶିଷ୍ୟଙ୍କୁ ଏହି କଥା କହିଥିଲେ । ଏଥିରୁ ଜଣାଯାଏ ଚିତ୍ରକଳା ପ୍ରତି ତାଙ୍କର ମନୋଭାବ କ'ଣ । ସେ କୁହନ୍ତି ଯେତେବେଳେ ଆମେ ଆମ ସାଂସ୍କୃତିକ ସଂପଦକୁ ଠିକ୍ ଭାବରେ ହୃଦୟଙ୍ଗମ



କାର୍ଯ୍ୟସାଧକ

ଜମିଦାର ଶ୍ରୀକଣ୍ଠ ଜଣେ ଯୋଗ୍ୟ ବ୍ୟକ୍ତି ଚାହୁଁଥିଲେ, ଯିଏ ତାଙ୍କର ଜମିବାଡି ଦେଖାଶୁଣା କରିବ, ପୁଣି ଖଜଣାପତ୍ର, ହିସାବପତ୍ର କଥା ବୁଝିବ । ସେପରି ଜଣେ ବ୍ୟକ୍ତି ଏହି କାର୍ଯ୍ୟ ଚଳାଉଥିଲେ; ତାଙ୍କର ହଠାତ୍ ମୃତ୍ୟୁ ହେବାରୁ, ଏହି ସମସ୍ୟାଟି ଦେଖାଦେଲା । ସେ ତାଙ୍କର ସହକାରୀ ସହିତ ଏ ବିଷୟରେ ବହୁତ ଆଲୋଚନା କଲେ । ସହକାରୀ କହିଲେ, "ମହାଶୟ, ମୋର ମନେହୁଏ ମୃତ ନାରାୟଣଙ୍କ ପୁଅ ଶଶାଙ୍କ ଏ କାର୍ଯ୍ୟ ଭଲ ଭାବରେ ତୁଲେଇ ପାରିବ । କାରଣ ତା'ର ବାପାଙ୍କଠାରୁ ଦେଖି ଦେଖି ସେ କିଛିଟା ବୁଝିପାରିଥିବ ଓ ଶିଖି ନେଇଥିବ ମଧ୍ୟ । ମନରେ ତାର ଥିବ ବାପାଙ୍କ ପରେ ସେ ସେହି କାମଟି ତୁଲାଇବ । ତା'ଛଡା ତା' ବାପା ମଧ୍ୟ ଇଚ୍ଛା କରି ତାକୁ ଏ ଦିଗରେ ନିଶ୍ଚୟ ଶିକ୍ଷା ଦେଇ ସାରିଥିବେ । ତେଣୁ ଆମ ପୁରୁଣା ପ୍ରଥା ଅନୁସାରେ ଶଶାଙ୍କ ଆସୁ ।"

ପରଦିନ ଶଶାଙ୍କ, ନିଜପଟରୁ ଆସି ଜମିଦାରଙ୍କୁ ଅନୁରୋଧ କଲା କି ତା' ବାପାଙ୍କ କାର୍ଯ୍ୟ ଯେପରି ତାକୁ ଦିଆଯାଏ । ଜମିଦାର ସ୍ଥିର କରିଥିଲେ ଯେ ଯଦି ସେ ନିଜକୁ ଯୋଗ୍ୟ ପ୍ରମାଣିତ କରେ, ତେବେ ତାକୁ ସେହି କାର୍ଯ୍ୟ ଦେବାରେ କୌଣସି ଆପତ୍ତି ନାହିଁ । କିନ୍ତୁ ନାରାୟଣଙ୍କ ପୁଅ ଭାବରେ ନୁହେଁ । ତେଣୁ ସେ ତାକୁ ଦୁଇଦିନ ପରେ ଆସିବାକୁ କହିଲେ ।

ଦୁଇଦିନ ପରେ ଶଶାଙ୍କ ଆସିବାରୁ ଜମିଦାର ତାକୁ କହିଲେ, "ତୁମକୁ ଚାକିରୀ ଦେବା ବିଷୟ ମୁଁ ପରେ ଚିନ୍ତା କରିବି । କିନ୍ତୁ

Digitized by
Deb's Library Corner
https://t.me/debslibrarycorner

ଜି.ରାମକୃଷ୍ଣ



ତା' ପୂର୍ବରୁ ତୁମକୁ ଏକ ଜରୁରୀ କାମ କରିବାକୁ ହେବ । ଆଜି ମୋ ଝିଅ ଶାଶୁ ଘରକୁ ଯିବ । ସହରରେ ଥିବା ସ୍ୱର୍ଣ୍ଣକାର ଠାରୁ ତା ପାଇଁ ସୁନାହାରଟିଏ ଅଣା ଯାଇଛି । ସେ ଚାହେଁ ସେଥିରେ କିଛି ପରିବର୍ତ୍ତନ । ତମେ ମୋ ଝିଅଠାରୁ ସବୁ ବୁଝି ହାରକୁ ନେଇ ଯାହା ପରିବର୍ତ୍ତନ କରିବା କଥା, କରି ପୁଣି ଶିଘ୍ର ଲେଉଟି ଆସିବ, ଯେପରି ହାରଟି ଧରି ଝିଅ ଶାଶୁଘରକୁ ଯିବ ।''

ଶଶାଙ୍କ ଜମିଦାରଙ୍କ ଝିଅଠାରୁ ସବୁ ବୁଝି ହାର ଧରି ସହରକୁ ଗଲା । ସେଠାରେ ସ୍ୱର୍ଣ୍ଣକାରକୁ ଏକଥା କହିବା ମାତ୍ରେ, ସେ କହିଲା, ''ଏପରି ପରିବର୍ତ୍ତନ କରିବା ଆମର କର୍ତ୍ତବ୍ୟ । ଏଠାରୁ ତ ଅନେକ ଧନୀ, ଜମିଦାର, ଓ ବଡ ବଡ ଲୋକମାନେ ଅଳଙ୍କାର କିଣନ୍ତି, ତେଣୁ ଏଇ ଦୋକନରୁ ହାରଟି କିଣା ଯାଇଥିବାର ପ୍ରମାଣ ଆମେ ନ ପାଇଲେ କିପରି କାମ କରିବୁ ?''

ଏବେ ଗ୍ରାମକୁ ଫେରି ଅଳଙ୍କାର କିଣିଥିବାର କାଗଜ ଧରି ଆସିବା ବେଳକୁ ସମୟ ହେବନାହିଁ । ପରିସ୍ଥିତି କେତେ ଜରୁରୀ, ସେ ସବୁ ବିଷୟ ଶଶାଙ୍କ ପୁଣି ଥରେ ସ୍ୱର୍ଣ୍ଣକାର ସହିତ କଥାବାର୍ତ୍ତା ହେଲା । କିନ୍ତୁ ସେ ତା' କଥାରୁ ନ ଟଳେ । ସେ କହିଲା, ''ମହାଶୟ, କାଗଜଟି ନେଇ ଆସନ୍ତୁ, ଆମେ ତତ୍‌କ୍ଷଣାତ୍ କାମଟି କରିଦେବୁ । ନଚେତ୍ ନାହିଁ । ଦେଖୁଛନ୍ତି ତ କେତେ ବ୍ୟସ୍ତ ମୁଁ । କିନ୍ତୁ ଅନ୍ୟ ଦୋକାନର ହାର ହେଲେ, ସେଥିରେ ପରିବର୍ତ୍ତନ ଆଣିବାକୁ ସପ୍ତାହେ ସମୟ ଲାଗିବ ।''

ଶଶାଙ୍କ ସବୁ କଥା ଶୁଣି କହିଲା, ''ଠିକ୍ ଅଛି, ମୁଁ ଏହି ହାରଟିକୁ ବିକ୍ରି କରିବାକୁ ଚାହେଁ । କିଣିବା ସକାଶେ ଆପଣଙ୍କର କୌଣସି ଆପତ୍ତି ନାହିଁ ତ ?''

''ଆମର ତ ଅଳଙ୍କାର କିଣାବିକା ହେଲା ବ୍ୟବସାୟ, ଆପତ୍ତି ରହିବ କାହିଁକି ?'' କହିଲା ସ୍ୱର୍ଣ୍ଣକାର ।

ଏତିକି କହି ସେ ହାରଟିକୁ ରଖି ଉଚିତ୍

ମୂଲ୍ୟ ଦେଇ ଦେଲେ । ଶଶାଙ୍କ ଟଙ୍କାତକ ଧରି ଚାଲିଗଲା । ଅଳ୍ପବାଟ ଯାଇ ଫେରିଆସି କହିଲା, "ମୁଁ ତ ହାର ବିକ୍ରି କରିବାକୁ ଚାହୁଁ ନଥିଲି । ଏବେ ହାରଟି ଆପଣଙ୍କର । କିଛି ଛୋଟ ଛୋଟ ପରିବର୍ତ୍ତନ କରି ମୋତେ ସେଇଟି ବିକ୍ରି କରନ୍ତୁ । ମୁଁ କିଣିବାକୁ ଚାହେଁ ।"

ସ୍ୱର୍ଣ୍ଣକାର ଅଳ୍ପହସି କହିଲା, "ଆପଣଙ୍କ ପରି ଗ୍ରାହକର ସେବା କରିବାକୁ ଆମେ ସର୍ବଦା ପ୍ରସ୍ତୁତ । ଆପଣ ଯେଉଁ ପ୍ରକାର ପରିବର୍ତ୍ତନ ଚାହିଁବେ ମୁଁ ଏହିକ୍ଷଣି କରି ଦେଉଛି ।" ତା'ପରେ ସେ ତା'ର ସହକାରୀକୁ ବରାଦ ଦେଇ କହିଲା, "ବାବୁ ଯେପରି ଚାହୁଁଛନ୍ତି, ହାରଟିରେ ଛୋଟ କେତୋଟି ପରିବର୍ତ୍ତନ କରିବାକୁ, ତାଙ୍କ ଠାରୁ ଭଲ ଭାବରେ ବୁଝିନେ, ଓ ଶିଘ୍ର କାମ କରି ଦେଇ ଦେ । ସେ ଯେପରି ଏଠାରେ ବେଶି ସମୟ ଅପେକ୍ଷା କରି ବସିବେ ନାହିଁ ।" ଅଳ୍ପ ସମୟ ମଧ୍ୟରେ ସବୁ ଠିକ୍ ହୋଇଗଲା । ସ୍ୱର୍ଣ୍ଣକାର କହିଲା, "ମହାଶୟ, ମୂଳଦାମ୍ ଅପେକ୍ଷା ଏବେ ଶହେ ଟଙ୍କା ବେଶି ହେବ ।"

ଜମିଦାର ସେଥିପାଇଁ ଶହେ ଟଙ୍କା ଦେଇ ଥିଲେ । ଶଶାଙ୍କ ସେତକ ଦେଇ ସବୁ କାମ ଶେଷ କରି ନିର୍ଦ୍ଧାରିତ ସମୟ ପୂର୍ବରୁ ପହଞ୍ଚିଲା ଓ ଜମିଦାରଙ୍କୁ ସୁନାହାରଟି ଦେଲା । ଜମିଦାର ଖୁସି ହୋଇଗଲେ । ଅବଶ୍ୟ ଜମିଦାରଙ୍କର ସ୍ୱର୍ଣ୍ଣକାର ସହିତ ଭଲ ପରିଚୟ ଥିଲା ଓ ହାରଟିର ଅଳ୍ପ ପରିବର୍ତ୍ତନ କରିବାକୁ ସେ ମନା କରି ଦେଇ ଥିଲା । ଏବେ ସମସ୍ତେ ଖୁସି । ସେହିଦିନହିଁ ଶଶାଙ୍କ କାର୍ଯ୍ୟରେ ନିଯୁକ୍ତି ପାଇଲା । କାରଣ ଜମିଦାର ତା'ର ଚତୁରତା ଦେଖି ଭାବିଲେ ଯେ ସେ ଠିକ୍ ତା'ର ବାପାର ଉପଯୁକ୍ତ ସନ୍ତାନ । ସେ ଅନାୟାସରେ କାର୍ଯ୍ୟ ଚଳାଇ ନେବ । ଯଦିଓ ବୟସ କମ୍ ତଥାପି ତା'ର ସ୍ଥିର ବୁଦ୍ଧି ଯୋଗୁ ସେ ନିଶ୍ଚୟ ସବୁଥିରେ ସାଫଲ୍ୟ ଲାଭ କରିବ ।





ଶିଳ୍ପକଳା

ପୂର୍ବ କାଳର କଥା । ବିନ୍ଧ୍ୟପର୍ବତମାଳାର ପାଦ ଦେଶରେ ଶିଳାନନ୍ଦ ନାମକ ଜଣେ ଶିଳ୍ପାଚାର୍ଯ୍ୟ ଥିଲେ । ତାଙ୍କର ଶିଳ୍ପକଳା ଥିଲା ଅତି ଜୀବନ୍ତ ।

ଡିମ୍ବକ ଓ କୁମ୍ଭକ ନାମକ ଦୁଇଜଣ ଶିଷ୍ୟ ତାଙ୍କ ପାଖରେ ଦଶବର୍ଷ ଧରି ଶିଳ୍ପକଳା ଶିଖିଲେ । ବିଦ୍ୟାଶେଷ କରିବା ପରେ ଶିଳ୍ପାଚାର୍ଯ୍ୟ ତାଙ୍କୁ କହିଲେ, "ବତ୍ସ, ତୁମମାନଙ୍କ ପରି ଶିଷ୍ୟ ପାଇବା ମୋର ସୌଭାଗ୍ୟ । ତମେମାନେ ମୋଠାରୁ ଯାହା ଶିଖିଲ, ତାହା ତୁମ ଶିଷ୍ୟ ମାନଙ୍କୁ ମଧ୍ୟ ଶିଖାଇବ । ଫଳ କ'ଣ ହେବ, ସେ ବିଷୟରେ ଚିନ୍ତା କରିବ ନାହିଁ । ପରେ ସମୟ ହେଲେ ମୁଁ ତୁମ ପାଖକୁ ଯାଇ ବୁଲି ଆସିବି ।"

ଡିମ୍ବକ ଗ୍ରାମରେ ପହଞ୍ଚିଲେ । ତାଙ୍କର କିଛି ଜମି ଥିଲା । ତା'ପରେ ଶିଳ୍ପକଳା କରି ବେଶ୍ ଭଲରେ ଚଳିଲେ । ସେ ନାଟ୍ୟଶାସ୍ତ୍ର ବିଶାରଦ ମୀନାକ୍ଷୀଙ୍କୁ ବିବାହ କଲେ । ତାଙ୍କର ଅଭିପ୍ରାୟ ଥିଲା, ମୀନାକ୍ଷୀ ତାଙ୍କ ଶିଳ୍ପ ପାଇଁ ପ୍ରେରଣା ଯୋଗାଇବେ ।

ଡିମ୍ବକଙ୍କ ଶିଳ୍ପକଳା ଅଳ୍ପସମୟ ମଧ୍ୟରେ ଜନପ୍ରିୟ ହୋଇ ଉଠିଲା । ତାଙ୍କର ଅସଂଖ୍ୟ ଶିଷ୍ୟ ପ୍ରତିଦିନ ଶିଳ୍ପକଳା ଶିଖୁଥା'ନ୍ତି । ସେ ମଧ୍ୟ ବହୁତ ପରିଶ୍ରମ କରି ଓ ଆନନ୍ଦରେ ସେମାନଙ୍କୁ ଶିଖାଉଥା'ନ୍ତି । ଚାରିଆଡେ ତାଙ୍କର ସୁନାମ । ଏମିତି କିଛି ବର୍ଷ ବିତିଗଲା । ଦିନେ ସେହି ଦେଶର ରାଜା ଘୋଷଣା କଲେ କି ଯେଉଁ ଶିଳ୍ପୀ ଦେବନର୍ତ୍ତକୀ ମେନକାଙ୍କର ମୂର୍ତ୍ତି ତିଆରି କରିଦେବ ତାକୁ ହଜାରେ ସ୍ୱର୍ଣ୍ଣମୁଦ୍ରା ଦିଆଯିବ । ତା'ପରେ ରାଜାଙ୍କର ନୂତନ ନୃତ୍ୟମନ୍ଦିରରେ ସେହି ଶିଳ୍ପ ସ୍ଥାନ ପାଇବ । ତା'ଛଡା ନୃତ୍ୟ ମନ୍ଦିର

Digitized by
Deb's Library Corner
https://t.me/debslibrarycorner

ପାଇଁ ମଧ୍ୟ ଅନେକ ଶିଳ୍ପୀ ଆବଶ୍ୟକ ।

ଡିମ୍ବକ ନିଜ ଶିଷ୍ୟମାନଙ୍କୁ ନୃତ୍ୟମନ୍ଦିର ତିଆରି କରିବାକୁ ପଠାଇଲେ ଓ ନିଜେ ମେନକାଙ୍କ ମୂର୍ତ୍ତି ଗଠନ କଲେ । କିନ୍ତୁ ଅଳ୍ପଦିନ ମଧ୍ୟରେ ସେମାନେ ଫେରି ଆସିଲେ । କାରଣ ରାଜା ସେମାନଙ୍କ ପାଇଁ ଯେଉଁ ପରୀକ୍ଷାସବୁ ରଖିଥିଲେ ସେଥିରେ ସେ ଉତ୍ତୀର୍ଣ୍ଣ ହୋଇ ପାରିଲେ ନାହିଁ ।

ଡିମ୍ବକ ତାଙ୍କ ଶିଷ୍ୟମାନଙ୍କୁ ଧୈର୍ଯ୍ୟ ଧରିବାକୁ ଉପଦେଶ ଦେଇ କହିଲେ, "ଚିନ୍ତା କରନା । ତୁମମାନଙ୍କର ଦୋଷତ୍ରୁଟି ଅବଶ୍ୟ ମୁଁ ଦୁର କରିବାକୁ ଚେଷ୍ଟା କରିବି ଓ ମୋ ପରି ଶିଳ୍ପୀ ହେବା ପାଇଁ ଶିକ୍ଷା ଦେବି ।"

ଡିମ୍ବକ ନିଜେ ମେନକାଙ୍କ ମୂର୍ତ୍ତି ତିଆରି କରିବାରେ ଲାଗିଗଲେ । ତାହା ତିଆରି ହେବାକୁ ତିନିବର୍ଷ ଲାଗିଲା । ସେ ଖବର ନେଇ ଜାଣିଲେ ଯେ ନୃତ୍ୟ ମନ୍ଦିର ତିଆରି ଶେଷ ହେଲାଣି । ତେଣୁ ସେ ତରବରରେ ବଳଦଗାଡିରେ ମେନକା–ମୂର୍ତ୍ତିକୁ ବୋଝାଇ କରି ରାଜଧାନୀ ଆଡେ ଚାଲିଲେ ।

ଦୁଇଦିନ ଯାତ୍ରା କରିବା ପରେ ତାହା କୁମ୍ବକଙ୍କ ଗ୍ରାମରେ ପହଞ୍ଚିଲା । ସେହି ଗ୍ରାମ ବହୁତ ବଡ ଥିଲା । ତେଣୁ କୁମ୍ବକଙ୍କ ବିଷୟରେ କେହି କିଛି କହି ପାରିଲେ ନାହିଁ । ଶେଷରେ ଜଣେ ଯୁବକ କହିଲା, "ଓହୋ, ଆପଣ ସେହି ଶିଳ୍ପୀଙ୍କୁ ଦେଖା କରିବାକୁ

ଚାହାନ୍ତି ? କ'ଣ ତାଙ୍କଠାରୁ କିଛି କିଣିବେ କି ? ତାଙ୍କଠାରୁ କିଛି କିଣିବାକୁ ହେଲେ ବହୁତ ପଇସା ଦରକାର । କାରଣ ସେ ବଡ ଧନ ଲୋଭୀ ।" ତା'ପରେ ସେ ତାଙ୍କ ଘର ଦେଖାଇ ଦେଲା ।

ବାହାରୁ ଦେଖିଲେ ଘରଟି ସାଧାରଣ ସ୍ତରର । କିନ୍ତୁ କୁମ୍ବକ ବହୁତ ପଇସା ରୋଜଗାର କରୁଛନ୍ତି । ପୁଣି ଶିଷ୍ୟମାନଙ୍କ ଠାରୁ ମଧ୍ୟ ପଇସା ନେଉଛନ୍ତି । ସେଥିପାଇଁ ସେଠାରେ ବେଶି ଶିଷ୍ୟ ନ ଥା'ନ୍ତି । ଯାହା ବା ଥିଲେ ସବୁ ରାଜାଙ୍କ ନୃତ୍ୟମନ୍ଦିର ବନାଇବାକୁ ଯାଇଛନ୍ତି । ସମସ୍ତ ବିଷୟ ଅନୁଧ୍ୟାନ କରିବା ପରେ ଡିମ୍ବକ, କୁମ୍ବକଙ୍କୁ



କହିଲେ, ଯେତେବେଳେ ଆମେ ଶିକ୍ଷା ସମାପ୍ତ କରି ଫେରିଲେ, ଆମ ଗୁରୁ ଆମକୁ କ'ଣ କହିଥିଲେ, ସେସବୁ ମନେ ଅଛି କି ? ସେ ସ୍ପଷ୍ଟ କରି କହିଥିଲେ ଯେ କର୍ମର ଫଳ ପାଇଁ ଆଶା ରଖିବ ନାହିଁ ।" ମୁଁ ତାଙ୍କ କଥା ଅକ୍ଷରେ ଅକ୍ଷରେ ପାଳନ କରିଛି । ଶିଳ୍ପୀ ଟଙ୍କା ରୋଜଗାର କରିପାରେ, କିନ୍ତୁ ଟଙ୍କା ପାଇଁ ଶିଳ୍ପ କରେ ନାହିଁ । ସେପରି ଧନ ଦାବୀ କରିଥିଲେ ମୁଁ କେବେଠାରୁ ଧନୀ ହୋଇ ସାରନ୍ତିଣି । ଯେତିକି ଧନ ଅଛି ତାହା ମଧ୍ୟ ଯଥେଷ୍ଟ । ମୁଁ ଜଣେ ସାଧାରଣ ନାଗରିକ ପରି ଚଳେ । ଆମ ଘରେ ସମସ୍ତେ କାମ କରନ୍ତି । ଚାକର ମଧ୍ୟ ରଖେ ନାହିଁ ।" କୁମ୍ଭକ କହିଲେ ।

ଡିମ୍ଭକ ବୁଝିଗଲେ କି କୁମ୍ଭକ ଆଜନ୍ମ କୃପଣ । ଧନ ରୋଜଗାର କରିବା ତା'ର କାମ । କାହାକୁ ପଇସାଟିଏ ଦିଏ ନାହିଁ । କିନ୍ତୁ କହୁଛି ବଡ ବଡ କଥା । ଯାହା ହେଉ କୁମ୍ଭକ ଡିମ୍ଭକଙ୍କୁ ବହୁତ ଆଦର ସତ୍କାର କଲେ । ଡିମ୍ଭକ ସେଠାରେ ଦିନଟିଏ ରହିଲେ । ତା'ପରଦିନ ଦୁହେଁ ରାଜଧାନୀକୁ ଗଲେ । କୁମ୍ଭକ ମଧ୍ୟ ତାଙ୍କ ଶିଳ୍ପ ଦେଖି ନଥା'ନ୍ତି । ରାଜଧାନୀରେ ପହଞ୍ଚି ଦୁହେଁ ନିଜନିଜର ଶିଳ୍ପ ରାଜାଙ୍କୁ ସମର୍ପଣ କଲେ । ରାଜା ତାଙ୍କୁ ପର ଦିନ ଆସିବାକୁ କହିଲେ ।

ଦୁହେଁ ରାଜାଙ୍କର ଅତିଥିଗୃହରେ ରାତ୍ରି ଯାପନ କଲେ । ପରଦିନ ଦୁହେଁ ରାଜାଙ୍କ ପାଖକୁ ଗଲେ । ରାଜା ଦୁହିଁଙ୍କର ଶିଳ୍ପ ଚାତୁର୍ଯ୍ୟ ଦେଖି ମୁଗ୍ଧ ହୋଇଥିଲେ । ସେ କହିଲେ, "ତୁମ ଦୁଇଜଣଙ୍କର ଶିଳ୍ପଚାତୁର୍ଯ୍ୟ ଅନନ୍ୟ । କିନ୍ତୁ ଉଭୟ ମୂର୍ତ୍ତି ପ୍ରାୟ ଏକ ପ୍ରକାରର । ମୁଁ ନୃତ୍ୟଶାଳାରେ ଦୁଇଟିଯାକ ମୂର୍ତ୍ତି ପ୍ରତିଷ୍ଠା କରିବି । ଏବେ ମୁଁ ଜାଣି ପାରୁନାହିଁ କାହାର କେଉଁଟି, ତମେମାନେହିଁ ଚିହ୍ନି ନିଅ ।"

ଦୁଇଜଣ ଶିଳ୍ପୀ ମୂର୍ତ୍ତିମାନଙ୍କ ପାଖକୁ ଗଲେ ସିନା; ହେଲେ ନିଜନିଜର ଶିଳ୍ପ ଆଦୌ ଚିହ୍ନି ପାରିଲେ ନାହିଁ । ରାଜା କହିଲେ, "ତମେ ଦୁହେଁ ଅସାଧାରଣ ପ୍ରତିଭାଶାଳୀ ଶିଳ୍ପୀ ।

ଦୁହିଁଙ୍କର ଶିଳ୍ପ ଏକବାରେ ଏକା କିପରି ହେଲା । ଏହା ଏକ ଅଦ୍ଭୁତ ଘଟଣା ।

ତା'ପରେ ସେଠାକୁ ଆସିଲେ ଶିଳାନନ୍ଦ । ନିଜ ଶିଷ୍ୟମାନଙ୍କର କୃତି ଦେଖିବା ପାଇଁ ସେ ଆସିଥିଲେ । ରାଜାଙ୍କର ମନ୍ତବ୍ୟ ଶୁଣିବା ପରେ ସେ କହିଲେ, "ରାଜସମ୍ମାନର ଅଧିକାରୀ ହେଲେ କୁମ୍ଭକ । ଡିମ୍ବକର ସ୍ଥାନ ଅନ୍ୟ ଆଡେ । ସେମାନେ ଦୁଇଜଣ ମୋର ଶିଷ୍ୟ । ତେଣୁ ମୋର ନିର୍ଣ୍ଣୟ ସେମାନେ ମାନିଯିବେ ।"

"ଆପଣଙ୍କ ଶିଷ୍ୟମାନେ ଆପଣଙ୍କ କଥା କେବେ ମଧ୍ୟ ଅସ୍ୱୀକାର କରିବେ ନାହିଁ । କିନ୍ତୁ କୌଣସି କାରଣ ନଜାଣି ମୁଁ ତ ତାହା ସ୍ୱୀକାର କରିପାରିବି ନାହିଁ ?" ରାଜା କହିଲେ ।

ଶିଳାନନ୍ଦ କହିଲେ, "ମହାରାଜ, ଡିମ୍ବକ ମଧ୍ୟରେ ଅଛି ଅସାଧାରଣ ପ୍ରତିଭା । କିନ୍ତୁ ବିବେକ ନାହିଁ । ତେଣୁ ସେ ନିଜର ବିଦ୍ୟାକୁ ଅଯୋଗ୍ୟକୁ ଦାନ କରିଛି । ଯୋଗ୍ୟ ଅଯୋଗ୍ୟ ବିଚାର ନ କରି ସେ ସମସ୍ତିଙ୍କୁ ଶିଳ୍ପ ବିଦ୍ୟା ଦାନ କରିଛି । ତଦ୍ୱାରା ଶିଳ୍ପ ପ୍ରତି ଅନ୍ୟାୟ ହୋଇଛି । ସେଥିପାଇଁ ତା' ଶିଷ୍ୟ ମାନଙ୍କର କଳାପ୍ରତି ଏତେ ଅଭିରୁଚି ନାହିଁ । ସେମାନଙ୍କ ମଧ୍ୟରେ ଜ୍ଞାନ ଲାଭ କରିବାର ପିପାସା ନାହିଁ । ସେମାନଙ୍କର କଳାପ୍ରତି ମୋହ ଏକମାତ୍ର ଅଛି । ତେଣୁ ଆପଣଙ୍କ ନୃତ୍ୟମନ୍ଦିର ନିର୍ମାଣରେ ସେ ଅଯୋଗ୍ୟ ମନେ ହେଉଛି । ତେଣୁ କୁମ୍ଭକହିଁ ଏହି ସମ୍ମାନର ଯୋଗ୍ୟ । ସେ ପ୍ରତିଭାବାନ୍ । ପୁଣି ଶିଳ୍ପକଳା ପ୍ରତି ତା'ର ମନୋଭାବ ଯଥାର୍ଥ ।"

ଶିଳାନନ୍ଦଙ୍କ କଥା ଅନୁସାରେ ରାଜା କୁମ୍ଭକଙ୍କୁ ସମ୍ମାନ କଲେ । ଡିମ୍ବକ ସେଥିରେ ଦୁଃଖିତ ହେଲେ ନାହିଁ । ବରଂ ସେ ଜାଣିଲେ କି ନିଜ ମଧ୍ୟରେ କ'ଣ ତ୍ରୁଟି ରହିଛି । ଅବଶ୍ୟ ରାଜା ତାଙ୍କୁ ମଧ୍ୟ ବିଶେଷ ପୁରସ୍କାର ଓ ସମ୍ମାନ ଦେଲେ । ଡିମ୍ବକଙ୍କର ଶିଳ୍ପକଳା ପ୍ରତି ଥିବା ମନୋଭାବରେ ସେ କିଛିଟା ପରିବର୍ତ୍ତନ ଆଣିବା ପାଇଁ ଚେଷ୍ଟା କଲେ ।



ଉଡାଜାହାଜର ସ୍ୱତନ୍ତ୍ର ଯାତ୍ରା

ଆପଣ ଗୋଟିଏ ଜରୁରୀ କାମ ପାଇଁ ବାହାରିଲେ । ବସ୍ ଚାଲିଗଲା । ଆପଣ କରିବେ କ'ଣ ? ଅଟୋ ବା ଟାକ୍ସି ଧରି ଆପଣ ଯିବେ । ଯାଇ ଷ୍ଟେସନରେ ପହଞ୍ଚି ଦେଖିବେ ରେଳଗାଡି ମଧ୍ୟ ଚାଲିଗଲାଣି । ଯଦି କାମଟି ନିହାତି ଜରୁରୀ ଥାଏ, ତେବେ ନିଶ୍ଚୟ ଉଡାଜାହାଜ ପାଇବା ପାଇଁ ବିମାନ ବନ୍ଦରକୁ ଦୌଡିବେ । ଉଡାଜାହାଜ ମଧ୍ୟ ପଳାଇଲାଣି । କ'ଣ କରିବେ ଆପଣ ?

ଠିକ୍ ଏହିଭଳି ପରିସ୍ଥିତିରେ ପଡି ସୌଦିର ଶାହାଜାଦ ଉଡାଜାହାଜଟିଏ ଭଡା କରି ଗନ୍ତବ୍ୟ ସ୍ଥାନକୁ ପ୍ରସ୍ଥାନ କଲେ । ଟ୍ରାଫିକ୍ ଯୋଗୁ ସେ ପ୍ୟାରିସ୍‌ର ବିମାନବନ୍ଦରରେ ଠିକ୍ ସମୟରେ ପହଞ୍ଚି ପାରିଲେ ନାହିଁ । ସେହି ଉଡାଜାହାଜଟିରେ ନ୍ୟୁୟର୍କ ଯିବାର ଥିଲା । ଚାଲିଗଲା । ପରେ ଯେଉଁଟି ଯିବ ତାହା ଅଢେଇ ଘଣ୍ଟା ପରେ । ଏତେ ସମୟ ଅପେକ୍ଷା କରିବା ଶାହାଜାଦାଙ୍କ ପକ୍ଷରେ ଅସହ୍ୟ ହେଲା । ତେଣୁ ସେ ୨୩୬,୦୦୦ ଡଲାରରେ ଉଡାଜାହାଜଟିଏ ସ୍ୱତନ୍ତ୍ର ଭାବରେ ଭଡାକୁ ନେଇ ଅଧଘଣ୍ଟା ମଧ୍ୟରେ ନ୍ୟୁୟର୍କରେ ପହଞ୍ଚିଲେ ।



ଅନ୍ୟ ଏକ ଘଟଣାରେ ବ୍ରିଟେନ୍‌ର ଜଣେ ସୈନିକଙ୍କୁ ଘରେ ଛାଡି ଆସିଥିବା ଚଷମାଟି ନେବାକୁ ପ୍ରାୟ ୩୦,୦୦୦ କିଲୋମିଟର ଉଡିଆସିବାକୁ ହୋଇଥିଲା । ଆଟଲାଣ୍ଟିକ୍ ମହାସାଗର ମଧ୍ୟରେ ଥିବା ଫାକ୍‌ଲାଣ୍ଡସରେ ଉକ୍ତ ସୈନିକ ଡିଉଟିରେ ଥିଲେ । ଯେତେବେଳେ ସେ ଫୁଟ୍‌ବଲ୍ ଖେଳୁଥିଲେ ତାଙ୍କର ଚଷମାଟି ଭାଙ୍ଗିଗଲା । କମ୍ପ୍ୟୁଟର ପାଖରେ ବସି ତାଙ୍କୁ କାମ କରିବାକୁ ପଡୁଥିଲା । ତେଣୁ ଚଷମା ବିନା ତାଙ୍କର କାମ ଚଳିଲା ନାହିଁ । ଦୁର୍ଭାଗ୍ୟକୁ ଆଖପାଖରେ ଚଷମା ଦେବାଭଳି କୌଣସି ଡାକ୍ତର ମଧ୍ୟ ନଥିଲେ । ତେଣୁ ସେ ଏକ ସ୍ୱତନ୍ତ୍ର ବିମାନ ଯୋଗେ ଘରକୁ ଫେରି ଚଷମା ନେଇଗଲେ । ତା'ଛଡା ଆଉ କିଛି ଉପାୟ ନଥିଲା ।



ସମୁଦ୍ର ସଂକେତ

ସାମୁଦ୍ରିକ ଯାତ୍ରାରେ ଜାହାଜମାନଙ୍କ ମଧ୍ୟରେ ଖବର ପଠାଇବା ଆଗରୁ ବିନ୍ଦୁ ଓ ଗାର ଦ୍ୱାରା ଦେଉଥିଲା । ଏହାକୁ "ମୋର୍ସ କୋଡ୍" କୁହାଯାଏ । ଯେପରି ତିନିବିନ୍ଦୁ ତିନିଗାର । ଅର୍ଥ ଏସ୍.ଓ.ଏସ୍. । "ଆମକୁ ରକ୍ଷା କର" । ଏହା ଚଳିତ ଶତାବ୍ଦିର ପ୍ରାରମ୍ଭରୁ ଚାଲୁଥିଲା । କିନ୍ତୁ ଆଜିକାଲି, ଟେଲିଫୋନ୍ କମ୍ପ୍ୟୁଟର ଓ ସାଟାଲାଇଟ୍ ଦ୍ୱାରା ଗୋଟିଏ ଜାହାଜରୁ ଅନ୍ୟ ଜାହାଜକୁ ସଙ୍ଗେସଙ୍ଗେ ଖବର ପଠା ହେଉଛି । ଏହା ବିଜ୍ଞାନ ଶାସ୍ତ୍ରର ଅଦ୍ଭୁତ ଆବିଷ୍କାର ।

ବୀର ହନୁମାନ

ଦିନେ ଶ୍ରୀରାମଚନ୍ଦ୍ର ପାତ୍ରମନ୍ତ୍ରୀ ପରି ବେଷ୍ଟିତ ହୋଇ ବସିଛନ୍ତି । ଦରବାର ମଧ୍ୟକୁ ଝଡବେଗରେ ପ୍ରବେଶ କଲେ ଦେଜସ୍ୱୀ ମୁନି ବିଶ୍ୱାମିତ୍ର । ସେ କହିଲେ, "ରାମ, କାଶୀର ରାଜା ଯଯାତି ଗର୍ବରେ ଅନ୍ଧ ହୋଇ ମୋତେ ଅପମାନ କରିଛି । ସେହି ଅଧମ ରାଜାକୁ ତୁମେ ଶିଘ୍ର ପୃଥିବୀରୁ ବିଦାୟ କର । ତୁମର ଅସ୍ତ୍ରଗୁରୁ ଭାବରେ ଏହା ମୋର ତୁମ ପ୍ରତି ଆଜ୍ଞା ।" ଏତିକି କହି ସେ ଆଉ କିଛି ନ ଶୁଣି ଫେରି ଚାଲିଗଲେ ।

ଏପରି ଅବାନ୍ତର ଏକ ଆଜ୍ଞା ମଥାରେ ବୋହି ଶ୍ରୀରାମ ଚିନ୍ତାଗ୍ରସ୍ତ ହେଲେ । ଯଯାତି, ଶ୍ରୀରାମଙ୍କ ପ୍ରତି ସର୍ବଦା, ଆଦର ଓ ସମ୍ମାନ ଦେଖାଇଥା'ନ୍ତି । ସେ କାଶୀରାଜ୍ୟକୁ ଧର୍ମର ସହିତ ପାଳନ କରୁଥିଲେ । ଏଣେ ବିଶ୍ୱାମିତ୍ର ଅସ୍ତ୍ରଗୁରୁ । ତାଙ୍କ ଯୋଗୁହିଁ ଶ୍ରୀରାମ ସମସ୍ତ ପ୍ରକାର ଅସ୍ତ୍ରର ଅଧିକାରୀ ହୋଇଥିଲେ । ଶ୍ରୀରାମ ଭାବିଲେ, "ସେହି ଧାର୍ମିକ ରାଜା ଯଯାତିଙ୍କର ମୋ ପ୍ରତି ଅପାର ଶ୍ରଦ୍ଧା, ଓ ଭକ୍ତି । ଗୁରୁଦେବଙ୍କ କଥାରେ ମୁଁ କିପରି ବା ତାଙ୍କୁ ବଧ କରିବି । ପୁଣି ବିଶ୍ୱାମିତ୍ରଙ୍କ ଆଜ୍ଞା ତ ଟାଳି ପାରିବି ନାହିଁ ।"

ଶ୍ରୀରାମ ରାଜସଭା ଛାଡି ଏକାନ୍ତ କକ୍ଷକୁ ଗଲେ । ସେଠାକୁ ମନ୍ତ୍ରୀ ସୁମନ୍ତଙ୍କୁ ଡାକି କହିଲେ, "ସୁମନ୍ତ, ସବୁ ଶୁଣିଲ ତ ? ଏହା ମୋର ବ୍ୟକ୍ତିଗତ ବିଷୟ । ମୁଁ ଏକା ଯାଇ ଯଯାତିଙ୍କୁ ବଧ କରିବି । ଆମ ମଧ୍ୟରେ ଦ୍ୱନ୍ଦଯୁଦ୍ଧ ହେବ । ତଦ୍ୱାରା କୌଣସି ପ୍ରଜା ଓ

Digitized by
Deb's Library Corner
https://t.me/debslibrarycorner

ସୈନିକର ପ୍ରାଣ ନଷ୍ଟ ହେବାକୁ ମୁଁ ପସନ୍ଦ କରେ ନାହିଁ । ଅନ୍ତତଃ ପ୍ରିୟ ଯଯାତିଙ୍କୁ ଏତିକି ଖବର ପଠାଅ କି ରାମ ତୁମକୁ ବଧ କରିବା ପାଇଁ ଆସୁଛନ୍ତି ।" ଶ୍ରୀରାମଙ୍କ ବଚନରେ ଥିଲା ଦୃଢ ସଂକଳ୍ପ ।

ବିଶ୍ୱାମିତ୍ର ରାଗିବାର କାରଣ ହେଉଛି, ଦିନେ ଯଯାତି ଶିକାର କରିବାକୁ ଯାଉ ଥିଲେ । ଜଙ୍ଗଲରୁ ହାତୀ, ବାଘ ଆଦି ଭୟଙ୍କର ଜନ୍ତୁମାନେ ଗ୍ରାମ ଓ ଜନପଦରେ ପଶି ଫସଲ ନଷ୍ଟ କରୁଥିଲେ ଓ ଲୋକଙ୍କୁ ଆକ୍ରମଣ କରି ମାରି ପକାଉଥିଲେ । ତେଣୁ ସେମାନେ ରାଜା ଯଯାତିଙ୍କ ନିକଟରେ ଗୁହାରି କଲେ । ସେଥିପାଇଁ ରାଜା ଯଯାତି ସେହି ବନ୍ୟଜନ୍ତୁଙ୍କୁ ଶିକାର କରିବାକୁ ଯାଉ ଥିଲେ । ରାସ୍ତାରେ ରଥ ଉପରେ ଚିନ୍ତାମଗ୍ନ ହୋଇ ବସିଥିବା ରାଜା ବିଶ୍ୱାମିତ୍ରଙ୍କୁ ଦେଖି ପାରି ନାହାନ୍ତି । ବିଶ୍ୱାମିତ୍ର କିନ୍ତୁ ରାଗରେ ଅଗ୍ନିଶର୍ମା ହୋଇ ଭାବିଲେ, "ଦୁରାଚାରୀ, ମୁଢ ରାଜା, ମୋତେ ଦେଖି ରଥରୁ ଓହ୍ଲାଇ ସମ୍ମାନ କରିବା ପରିବର୍ତ୍ତେ ଖାତିର୍ ବି କଲା ନାହିଁ । ସେ ଜାଣି ଜାଣି ମୋର ଅପମାନ କରିଛି । ସେହି ଅଧମ ଯଯାତିକୁ ବିନାଶ ନ କରିବା ପର୍ଯ୍ୟନ୍ତ ମୋ ମନରେ ଶାନ୍ତି ନାହିଁ ।" ଏହି ଘୋର ପ୍ରତିଜ୍ଞା କରି ସେ ଶ୍ରୀରାମଙ୍କ ନିକଟକୁ ଆସି ତାଙ୍କୁ ଆଜ୍ଞାଦେଲେ ଯଯାତିଙ୍କୁ ବଧ କରିବାକୁ । ଶ୍ରୀରାମ କିଛି କହିବା ପୂର୍ବରୁହିଁ ସେ ରାଜସଭା ଛାଡି ଚାଲିଗଲେ ।

ଯଯାତି ଜଣେ ପ୍ରଜାବତ୍ସଳ ଧାର୍ମିକ ରାଜା; ଏପରି ଜଣେ ରାଜାଙ୍କ ପ୍ରତି ବିଶ୍ୱାମିତ୍ରଙ୍କ ଏପରି ଆଜ୍ଞା ଶ୍ରୀରାମଙ୍କ ପାଇଁ ବଡ ବିସ୍ମୟକର । କାରଣ ଜିଜ୍ଞାସା କରିବା ପାଇଁ ମଧ୍ୟ ସେ ଅବସର ଦେଲେ ନାହିଁ ।। ପୁଣି ଗୁରୁଦେବଙ୍କ ଆଜ୍ଞା ପାଳନ କରିବା ଅନିବାର୍ଯ୍ୟ । କିଂକର୍ତ୍ତବ୍ୟବିମୁଢ ଶ୍ରୀରାମ ନିରୂପାୟ ହୋଇ ଶେଷକୁ ଯଯାତିଙ୍କ ପାଖକୁ ଦୂତ ପଠାଇଲେ ।

ଦୂତଠାରୁ ଏପରି ଏକ ଅଚାନକ ବଜ୍ରପାତ ପରି ସମ୍ବାଦ ପାଇ ଯଯାତି ଭୟରେ କମ୍ପି

ଉଠିଲେ । ତାଙ୍କର ସ୍ତ୍ରୀ ଯଶୋଧାରା ଓ ଚନ୍ଦ୍ରାଙ୍ଗ ନାମକ ବାଳକ ପୁତ୍ର ଥିଲେ । ଚନ୍ଦ୍ରମୁଖୀ ଥିଲେ ତାଙ୍କ କନ୍ୟା । ସମଗ୍ର ପରିବାର ଶ୍ରୀରାମଙ୍କର ଆରାଧନା କରନ୍ତି । ହଠାତ୍ ଏପରି ଏକ ଖବର ପାଇ ସମଗ୍ର ପରିବାର ଶୋକ ସାଗରରେ ମଗ୍ନ ହେଲେ ।

କିଛିସମୟ ପରେ ଧୈର୍ଯ୍ୟ ଧରି ଯଯାତି ତାଙ୍କ ସ୍ତ୍ରୀଙ୍କୁ କହିଲେ, "ମୁଁ ରାମଙ୍କୁ କହିବି ଯେ ମୁଁ ନିରାପରାଧ ଓ ଆପଣଙ୍କର ଶରଣାଗତ । ମୁଁ ଆପଣଙ୍କ ଦୟା ଉପରେ ବଞ୍ଚିଛି । ଆପଣ ମର୍ଯ୍ୟାଦାପୁରୁଷ, ପୁରୁଷୋତ୍ତମ ଭଗବାନଙ୍କର ଅବତାର । ମୁଁ ଆପଣଙ୍କର ଭକ୍ତ ଓ ନିର୍ଦ୍ଦୋଷୀ । ବିଶ୍ୱାମିତ୍ରଙ୍କର ମିଥ୍ୟା ଶପଥ ଉପରେ ଆପଣ ମୋତେ ବଧ କରିବେ ? ମୁଁ ଭାବୁଛି ଏକଥା ଶୁଣି ଶ୍ରୀରାମ ମୋତେ ରକ୍ଷା କରିବେ ।"

ରାଜା ଯଯାତି ସପରିବାରେ ଅଯୋଧ୍ୟା ଯିବାକୁ ବାହାରିଲେ । ପଥରେ ସେମାନଙ୍କର ନାରଦଙ୍କ ସହିତ ଦେଖା ହେଲା । ନାରଦ ଯଯାତିଙ୍କଠାରୁ ସବୁକଥା ଶୁଣି, ଜୋର୍‌ରେ ହସି ହସି କହିଲେ, "ଏତେ ବଡ ବିପଦରେ, ତୁମର ବୁଦ୍ଧି ଭ୍ରଷ୍ଟ ହୋଇଗଲାଣି । ଜାଣନା ଶ୍ରୀରାମଙ୍କର "ବଚନ ଏକ, ବାଣ ମଧ୍ୟ ଏକ" ? ଚିନ୍ତା କରିବା ପାଇଁ ମଧ୍ୟ ସମୟ ନାହିଁ । ଏବେ ଏକମାତ୍ର ଉପାୟ ତୁମେମାନେ ଅଞ୍ଜନାଦେବୀଙ୍କ ଆଶ୍ରମକୁ ଯାଅ । ତାଙ୍କର ଅଭୟବର ପ୍ରାପ୍ତ କର । ଜାଣିଛ ତ ହନୁମାନ ତାଙ୍କରି ସନ୍ତାନ । ସେ ମଧ୍ୟ ସେଠାରେ





କିଛିଦିନ ହେବ ରହିଛନ୍ତି ।" ନାରଦଙ୍କ କଥା ଶୁଣି ସେ ତତ୍କ୍ଷଣାତ୍ ଅଞ୍ଜନା ଦେବୀଙ୍କ ଆଶ୍ରମକୁ ଗଲେ ।

ଅଞ୍ଜନାଦେବୀ ପୂଜାଧ୍ୟାନ ଶେଷ କରିବା ପରେ ହଠାତ୍ ବାହାରୁ କାହାର ଆର୍ତ୍ତନାଦ ଶୁଣି ପାରିଲେ, "ମା, ମୁଁ ତୁମର ଶରଣାଗତ, ରକ୍ଷା କର । ମୁଁ ପ୍ରାଣଭିକ୍ଷା ମାଗୁଛି ।" ବାହାରକୁ ଆସି ସେ ଦେଖିଲେ ହାତଯୋଡି ଯଯାତି ଠିଆ ହୋଇଛନ୍ତି ଓ ସମଗ୍ର ଶରୀର ଭୟରେ ଥରୁଛି ।

"ପୁତ୍ର, ଭୟକୁ ତ୍ୟାଗ କର । ମୋ ପୁତ୍ର ନାମରେ ଶପଥ କରୁଛି ତୁମ ଉପରେ କୌଣସି ବିପଦ ଆସିବ ନାହିଁ । ପ୍ରାଣଭୟ ଛାଡ ।" ଏକଥା କହି ଅଞ୍ଜନା ଯଯାତିଙ୍କୁ ସାନ୍ତ୍ୱନା ଦେଲେ । ହନୁମାନ ମଧ୍ୟ ସେଠାରେ ଉପସ୍ଥିତ ଥିଲେ । ଯଯାତି ଦୁହିଁଙ୍କୁ ପ୍ରଣାମ କରି କହିଲେ, "ମୁଁ କାଶୀରାଜ ଯଯାତି । ଶ୍ରୀରାମଙ୍କ ପ୍ରତି ମୋର ଗଭୀର ଶ୍ରଦ୍ଧା ଓ ଭକ୍ତି । ମହର୍ଷି ବିଶ୍ୱାମିତ୍ରଙ୍କ ଭୂଲ୍ ଦୋଷାରୋପ ଯୋଗୁ ଶ୍ରୀରାମ ମୋ ପ୍ରତି କୃପାଦୃଷ୍ଟି ରଖିଥିଲେ ମଧ୍ୟ ବାଧ୍ୟ ହୋଇ ମୋତେ ବଧ କରିବାକୁ ଶପଥ କରିଛନ୍ତି । ଆପଣ ମୋତେ ରକ୍ଷା କରନ୍ତୁ ।" ବିଷାଦଗ୍ରସ୍ତ ରାଜା କହିଲେ ।

ହନୁମାନ ତାଙ୍କ କଥା ମୌନ ହୋଇ କେବଳ ଶୁଣୁଥିଲେ । ଅଞ୍ଜନା କହିଲେ, "ମୋର କେଡେ ବଡ ଭୂଲ୍ ହୋଇଗଲା । କିଛି ନଜାଣି ମୁଁ ତୁମକୁ ଅଭୟ ଦେଲି;ପୁଣି ଶ୍ରୀରାମଙ୍କ ଶପଥ ବିରୁଦ୍ଧରେ ।"

ହନୁମାନ ମାତା ଅଞ୍ଜନାଙ୍କୁ କହିଲେ, "ମା' ଚିନ୍ତିତ ହେବାର କୌଣସି ଆବଶ୍ୟକତା ନାହିଁ । ଦୁଃଖୀଙ୍କୁ ରକ୍ଷା କରିବାଠାରୁ ଅଧିକ ଧର୍ମ ଆଉ କିଛି ନାହିଁ । ଯେତେ ପର୍ଯ୍ୟନ୍ତ ମୁଁ ଜୀବିତ ରହିଛି, ଏହି ଯଯାତିଙ୍କର କେହିଁ କୌଣସି ହାନି କରିପାରିବେ ନାହିଁ ।"

ହନୁମାନ ଯଯାତିଙ୍କୁ ଅଭୟ ଦେଲେ । ଏହି ଖବର ଅଯୋଧ୍ୟାରେ ମଧ୍ୟ ପହଞ୍ଚି ଗଲା । ଶ୍ରୀରାମ, ସୀତା, ସମସ୍ତେ ଜାଣିଲେ, ସୀତାଙ୍କ ସହ ଯଶୋଧାରା ନିଜର ଦୁଇଟି



ପିଲାଙ୍କୁ ଧରି ଦେଖାକଲେ; ସେ କାନ୍ଦି କାନ୍ଦି କହିଲେ, 'ମା', ମୋର ସ୍ୱାମୀଙ୍କର ପ୍ରାଣଭିକ୍ଷା କରୁଛି ।''

''ଦେବୀ, ମୁଁ ଶୁଣିଛି ତୁମ ସ୍ୱାମୀ ହନୁମାନଙ୍କ ଦ୍ୱାରା ସୁରକ୍ଷିତ ହୋଇ ଅଛନ୍ତି । ବିଶ୍ୱାସକର, ତାଙ୍କର ଆଉ ଭୟ କରିବାର କୌଣସି କାରଣ ନାହିଁ । ତୁମେ ଓ ତୁମର ପିଲାମାନେ ଏବେ ମୋ ସହିତ ରୁହ ।''ଏତକ କହି ସୀତା ସେମାନଙ୍କର ରହିବାର ସମସ୍ତ ବନ୍ଦୋବସ୍ତ କଲେ । ସୀତା ପିଲାଦୁଇଟିଙ୍କୁ ବଡ ସ୍ନେହରେ ରଖିଲେ ।

ଶ୍ରୀରାମ ଧନୁ ଧରି ଚାଲି ଚାଲି ଗଲେ ଯଯାତିଙ୍କୁ ବଧ କରିବା ପାଇଁ । ତାଙ୍କ ସହିତ ତିନି ଭାଇ ଓ ମନ୍ତ୍ରୀ ମଧ୍ୟ ଚାଲିଲେ । କିନ୍ତୁ ସେମାନଙ୍କ ହାତରେ କୌଣସି ଅସ୍ତ୍ରଶସ୍ତ୍ର ନଥିଲା । ଶ୍ରୀରାମ ହନୁମାନଙ୍କ ଆଶ୍ରମ ପାଖରେ ପହଞ୍ଚିଲେ । ହନୁମାନ ଶ୍ରୀରାମଙ୍କ ପାଦରେ ଫୁଲ ଦେଇ ପାଦ ପୂଜା କଲେ ଓ ବଡ ଶ୍ରଦ୍ଧା ଓ ଭକ୍ତିର ସହିତ ପ୍ରଣାମ କଲେ । ତା'ପରେ ହାତ ଯୋଡି କହିଲେ, ''ପ୍ରଭୁ, ନିରାପରାଧ ଯଯାତିକୁ କ୍ଷମା କରନ୍ତୁ । ଅସହାୟ, ନିର୍ବଳ ବ୍ୟକ୍ତିକୁ ଦଣ୍ଡଦେବା ଆପଣଙ୍କୁ ଶୋଭା ପାଇବ ନାହିଁ । ତାଙ୍କ ପକ୍ଷରୁ ମୁଁ ପ୍ରାର୍ଥନା କରୁଛି ।'' ଶ୍ରୀରାମ ଗମ୍ଭୀର ହୋଇ କହିଲେ, ''ଆଚ୍ଛା, ମୋତେ ମୋ କାର୍ଯ୍ୟରୁ ବନ୍ଦ କରିବାକୁ ଏତେ ସାହସ ?''

ଏତିକି କହି ସେ ତାଙ୍କୁ ଟିକିଏ ଠେଲି ଦେଲେ । ହନୁମାନ ଭକ୍ତିରେ ଗଦ୍‌ଗଦ୍ ହୋଇ କହିଲେ, ''ଯେଉଁ ପାଦର ପବିତ୍ର ସ୍ପର୍ଶରେ ପଥର ଅହଲ୍ୟା ନାରୀ ହୋଇଗଲେ ସେହି ପାଦର ସ୍ପର୍ଶରେ ମୁଁ ଆଜି ଧନ୍ୟ ହୋଇଗଲି । ଅଧିକନ୍ତୁ ମୋର ଶରୀର ଅଧିକ ଶକ୍ତିଶାଳୀ ହୋଇ ଉଠିଲା ।''

ଶ୍ରୀରାମ ଆହୁରି ଗମ୍ଭୀର ହୋଇ କହିଲେ, ''ଦେଖ ହନୁମାନ, ଏସବୁ ତୁମ ଆମ କଥା ନୁହେଁ । ଗୁରୁବରଙ୍କ ଆଜ୍ଞାରେ ମୁଁ ଏଠାକୁ ଆସିଛି । ଯାଅ ଯଯାତିଙ୍କୁ ବାହାରକୁ ନେଇ ଆସ ।''

''ପ୍ରଭୁ, ଆପଣଙ୍କର ଜାଣିବା ଉଚିତ୍ ଯେ



ଆପଣଙ୍କ ଗୁରୁଙ୍କର ଆଜ୍ଞା ନିହାତି ଅସଂଗତ ଓ ଅର୍ଥହୀନ । ଏପରି ଏକ ସାମୟିକ କ୍ରୋଧର ଶିକାର ହୋଇ ଆପଣଙ୍କ ଗୁରୁ ଯାହା ଆଜ୍ଞା ଦେବେ ଆପଣ କରିବେ ? ମୋ ମା' ତାଙ୍କୁ ଅଭୟ ଦେଇଛନ୍ତି ଏବଂ ମୁଁ ମୋ ମା'ଙ୍କର ବଚନ ପୂର୍ଣ୍ଣ କରିବି, ସନ୍ଦେହ ନାହିଁ । ତେଣୁ ପ୍ରଥମେ ମୋତେ ବଧ କରନ୍ତୁ । ତା'ପରେ ଯଯାତିକୁ ।" କହିଲେ ହନୁମାନ ।

ତା'ପରେ ହନୁମାନଙ୍କର ଶରୀର ବଢିବାକୁ ଲାଗିଲା ଓ ଚତୁର୍ଦ୍ଦିଗରେ ବ୍ୟାପ୍ତ ହେଲା । ଏକଥା ଦେଖି ଶ୍ରୀରାମ କହିଲେ, "ଆଚ୍ଛା, ତୁମେ ମୋ ବିରୁଦ୍ଧରେ ଠିଆ ହେବାକୁ ସାହସ କରୁଛ ?"

"ପ୍ରଭୁ ମୁଁ କହିଲି ନା ଆପଣଙ୍କ ପାଦସ୍ପର୍ଶ ଯୋଗୁ ମୁଁ ଅଧିକ ବଳ ପ୍ରାପ୍ତ କରିଛି ।" ହନୁମାନ କହିଲେ । ଶ୍ରୀରାମ ହନୁମାନଙ୍କୁ ବାଣ ମାରି ଚାଲିଲେ । ହନୁମାନ ମଧ୍ୟ ତାଙ୍କର ବିରାଟ ପୁଚ୍ଛକୁ କୁରାଳଚକ୍ର ପ୍ରାୟ ଘୁରାଇ ଘୁରାଇ ଶ୍ରୀରାମଙ୍କର ସମସ୍ତ ବାଣ ବିନଷ୍ଟ କଲେ । ହନୁମାନ ଆକାରରେ ଆହୁରି ବଡ ହୋଇ ଚାଲିଥା'ନ୍ତି ଓ "ରାମ ରାମ" ଅହରହ ଜପ କରୁଥା'ନ୍ତି । ଶ୍ରୀରାମଙ୍କର ବାଣମାନ ଶେଷ ହେବାକୁ ଲାଗିଲେ । ବିଶ୍ୱାମିତ୍ର ଦୌଡି ଦୌଡି ସେଠାରେ ଆସି ପହଞ୍ଚିଲେ । ପରିସ୍ଥିତି ବଡ ଭୟଙ୍କର ।

ଏଥର ଶ୍ରୀରାମ କହିଲେ, "ଏବେ ମୋର ସର୍ବଶ୍ରେଷ୍ଠ ରାମବାଣ ମୁଁ ଛାଡୁଛି । ଏଥର ତୁମର ଆଉ ରକ୍ଷା ନାହିଁ । "ସେଥିପାଇଁ ମୁଁ ପ୍ରସ୍ତୁତ ପ୍ରଭୁ ।" ଶ୍ରୀରାମ ହନୁମାନଙ୍କ ଉପରକୁ ରାମ ବାଣ ଚଳାଇବା ପୂର୍ବରୁ ହନୁମାନ କହିଲେ, "ପ୍ରଭୁ, ମୁଁ ଆପଣଙ୍କର ଚିର ସେବକ । ମୁଁ ବଚନ ରକ୍ଷା ନ କଲେ ଆପଣଙ୍କର ସେବକ ହେବାର ଯୋଗ୍ୟ କିପରି ହେବି ? ତାହା ହେଲେ ତ ଆପଣଙ୍କରହିଁ ଅପମାନ ହେବ । ଶିଘ୍ର ରାମ—ବାଣ ଛାଡନ୍ତୁ ।" ଏତିକି କହି ସେ ଛାତି ଚିରି ବାଣକୁ ଗ୍ରହଣ କରିବା ପାଇଁ ପ୍ରସ୍ତୁତ ହେଲେ । ସମସ୍ତେ ଦେଖି ପାରିଲେ



ଦେଦୀପ୍ୟମାନ ଶ୍ରୀରାମ ମୂର୍ତ୍ତି ହନୁମାନଙ୍କ ହୃଦୟରେ । ଶ୍ରୀରାମଙ୍କ ବାଣ ତାଙ୍କ ଦେହ ଭେଦ କରି ଅନ୍ୟ ପଟକୁ ଚାଲିଗଲା । କିନ୍ତୁ ହନୁମାନଙ୍କର କୌଣସି କ୍ଷତି କଲା ନାହିଁ । ଏ ସବୁ ଦେଖି ସମସ୍ତେ ବିସ୍ମିତ ଓ ମୁଗ୍ଧ ହେଲେ ।

ବିଶ୍ୱାମିତ୍ର କହିଲେ, "ବସ୍, ରାମ, ଯୁଦ୍ଧ ସମାପ୍ତ କର । ଏସବୁ ଦେଖି ମୋର ଅହଂକାର ଦୂର ହୋଇ ଗଲାଣି । ଯଯାତି ନିରାପରାଧୀ ।"

ଶ୍ରୀରାମ ଅଳ୍ପ ହସି କହିଲେ, "ପ୍ରିୟ ହନୁମାନ ତମେ ଅଜେୟ । ମୁଁହିଁ ତୁମପାଖରେ ପରାଜିତ ।"

"ପ୍ରଭୁ, ଏଠାରେ ଜୟପରାଜୟର ପ୍ରଶ୍ନ କେଉଁଠି ? ମୋର ହୃଦୟ ଭିତରେ ଥିବା ଆପଣହିଁ ଆପଣଙ୍କ ବାଣକୁ ଗ୍ରହଣ କଲେ । ସେଥିରେ ମୋର ଶ୍ରେଷ୍ଠତା ବା କେଉଁଠି ?" ହନୁମାନ ବିନମ୍ର ହୋଇ କହିଲେ ।

ଇତିମଧ୍ୟରେ ହନୁମାନଙ୍କ ଆଜ୍ଞାରେ ଯଯାତି ଆଶ୍ରମରୁ ବାହାରି ବିଶ୍ୱାମିତ୍ରଙ୍କୁ, ଶ୍ରୀରାମଙ୍କୁ, ହନୁମାନଙ୍କୁ ଓ ଅଞ୍ଜନାଙ୍କୁ ପ୍ରଣାମ କଲେ । ନାରଦ ମଧ୍ୟ ସେଠାରେ, "ନାରାୟଣ, ନାରାୟଣ" କହି ପହଞ୍ଚି ଗଲେ ।

ବିଶ୍ୱାମିତ୍ର ହନୁମାନଙ୍କୁ ଆଲିଙ୍ଗନ କରି କହିଲେ, "ହନୁମାନ ଶରଣାଗତକୁ ରକ୍ଷା କରିବା ପାଇଁ ତମେ ଶ୍ରୀରାମଙ୍କର ମଧ୍ୟ ବିରୋଧ କଲ ଓ ନିଜର ବଚନ ରକ୍ଷା କଲ । ତୁମର "ବୀର ହନୁମାନ" ନାମ ସାର୍ଥକ ହେଲା । ତମେ ବୀର ନୁହଁ "ମହାବୀର" । ତୁମର ଯଶ କୀର୍ତ୍ତି ତିନିଲୋକରେ ଅତୁଳନୀୟ ।"

"ପ୍ରଭୁଙ୍କ ଲୀଳା" ନାରଦ କହିଲେ । ଏକ ଆନନ୍ଦମୟ ପରିବେଶରେ ସବୁକିଛିର ସମାପ୍ତି ହେଲା । ଅଞ୍ଜନା ଭାବିଲେ ତାଙ୍କର ମା' ହେବା ସାର୍ଥକ ହୋଇଛି । ସେ ଅତ୍ୟନ୍ତ ଆନନ୍ଦିତ ହେଉଥିଲେ ।

ସମସ୍ତେ ବିଦାୟ ହୋଇ ଯିବା ପରେ ହନୁମାନ ମାତାଙ୍କଠାରୁ ବିଦାୟ ନେଇ ହିମାଳୟକୁ ତପସ୍ୟା କରିବାକୁ ଗଲେ ।

ଭାଇଭଉଣୀ

ଗୋଟିଏ ଗ୍ରାମରେ ଅନନ୍ତ ନାମରେ ଜଣେ ଯୁବକ ଥିଲା । ତା' ଭଉଣୀର ନାମ ଗଙ୍ଗା । ଅନନ୍ତ ସର୍ବଦା ଭଉଣୀର ଭଲ ଚିନ୍ତା କରେ । ଗଙ୍ଗା କିନ୍ତୁ ତାକୁ ଖାତିର କରେ ନାହିଁ । ଅନନ୍ତ ଗଙ୍ଗା ପାଇଁ ଭଲ ବରଘର ଖୋଜି କିଛି ଯୌତୁକ ଦେଇ ତାକୁ ବାହା ଦେଲା ନିଜେ କିନ୍ତୁ ଯୌତୁକ ନନେଇ ସାଧାରଣ ଘରର ଝିଅଟିଏ ବାହା ହେଲା ।

ଗଙ୍ଗା ବିବାହ କରି ଯିବା ପରେ ଅନନ୍ତ ଓ ତା' ସ୍ତ୍ରୀ ସୀତା ଘରବାଡି ଭଲ ଭାବରେ ଦେଖାଶୁଣା କରି ରହିଲେ । ଗୁଡିଏ ପିଲାଝିଲା ହୋଇଗଲେ । ଅନନ୍ତର ରୋଜଗାର ଏଣିକି ଘର ଚଳାଇବା ପାଇଁ ଯଥେଷ୍ଟ ନୁହେଁ । କ୍ରମେ ସେମାନଙ୍କ ଆର୍ଥିକ ଅବସ୍ଥା ଖରାପ ହୋଇ ଚାଲିଲା । ପିଲାଗୁଡିକ ବଡ ହେଉଥା'ନ୍ତି । ଦାରିଦ୍ର୍ୟ ଓ ଅନାଟନ ମଧ୍ୟରେ ସେମାନେ କୌଣସିମତେ ବଞ୍ଚି ରହିଥାନ୍ତି ।

ଦିନେ ସୀତା ମୁହଁ ଖୋଲି ଅନନ୍ତକୁ କହିଲା, "ଆମର ଏତେ କଷ୍ଟ ଭିତରେ ସମୟ ବିତୁଛି । ଥରେ ତମେ ଭଉଣୀ ଘରକୁ ଯାଇ ଚେଷ୍ଟା କରି ଦେଖ; କିଛି ତ ସାହାଯ୍ୟ ସିଏ କରି ପାରିବେ ।"

"ଯାଇପାରିବି ତ ନିଶ୍ଚୟ; ସେମାନେ ମଧ୍ୟ ଏତେ ଧନୀ ନୁହନ୍ତି କି ମୋତେ ସାହାଯ୍ୟ କରିବେ । କେଉଁ ମୁହଁରେ ବା ଯିବି ?" ଅନନ୍ତ କହିଲା ।

"ତେବେ ଠିକ୍ ଅଛି । ତମେ ଯାଇ ଥରେ ଦେଖି ଆସ । ତା'ଙ୍କର ପରିସ୍ଥିତି ଭଲ ଥିଲେ, ହୁଏତ ସେ ନିଜ ତରଫରୁ କିଛି ସାହାଯ୍ୟ କରିପାରନ୍ତି ।" ସୀତା କହିଲା ।

ଅନନ୍ତ ସ୍ତ୍ରୀ କଥାରେ ପଡି ଗଙ୍ଗାର ଘରକୁ ଗଲା । ସାରାଦିନ ଯାତ୍ରା କରି ସଂଧ୍ୟାବେଳକୁ ସେ ଯାଇ ସେଠାରେ ପହଞ୍ଚିଲା । ଦୂରରୁ ଗଙ୍ଗା ଦେଖିଲା ଭାଇ

(୨୫ ବର୍ଷ ପୂର୍ବେ "ଚନ୍ଦାମାମା"ରେ ପ୍ରକାଶିତ କାହାଣୀ)

Digitized by
Deb's Library Corner
https://t.me/debslibrarycorner

ଆସୁଛି । ପିନ୍ଧିଛି ଫଟା ପୁରୁଣା ଲୁଗା । କେଶ ଫୁରୁଫୁରୁ ଉଡୁଛି । କେବେଠାରୁ ତେଲ ବାଜିନାହିଁ । କୋଟରଗତ ଚକ୍ଷୁ ଦେଖି ସେ ବୁଝିଗଲା ଭାଇ କି ଅବସ୍ଥାରେ ରହିଛି । ହାତରେ ମଧ୍ୟ କିଛି ଜିନଷ ନାହିଁ । ତେଣୁ ଏକଥା ସ୍ପଷ୍ଟ ଯେ କିଛି ଆଣିବାକୁ ତା' ହାତରେ ପଇସା ନାହିଁ । ତେଣୁ ବୋଧହୁଏ କିଛି ମାଗିବାକୁ ଆସିଛି । ଭାଇକୁ ଏପରି ଦୀନଦରିଦ୍ର ଅବସ୍ଥାରେ ଦେଖି, ତା' ମନରେ ଦୟା ଆସିବା ପରିବର୍ତ୍ତେ, ସେ ଭାବିଲା, "ଭାଇ ଏବେ ଆମର ଖୁସି ଆନନ୍ଦ ଉପରେ ନଜର ଦେବ ଓ ଇର୍ଷ୍ୟା କରିବ ।"

ଅନନ୍ତ ଦେଖିଲା ଗଙ୍ଗା ଦୁଆରମୁହଁରେ ଛିଡା ହୋଇ ଥିଲା ଓ ସେ ତାକୁ ଦେଖିଛି; ତା'ପରେ ଭିତରକୁ ପଶିଗଲା । ଅନନ୍ତ ଭାବିଲା "ପାଦଧୋଇବାକୁ ପାଣି ଆଣିବାକୁ ବୋଧେ ଗଲା ।" ଇତିମଧ୍ୟରେ ଗଙ୍ଗା ସ୍ଥିର କଲା ଯେ ଯେତେଶିଘ୍ର ସମ୍ଭବ ଭାଇକୁ ଫେରାଇ ପଠାଇଦେବ । ସେ ଭିତରକୁ ଯାଇ ଚିରାଲୁଗା ପିନ୍ଧିଲା ଓ ପାଣି ଲୋଟାଏ ଆଣି ମୁହଁ ଗମ୍ଭୀର କରି ବାହାରକୁ ଆସିଲା ।

ମୁହୂର୍ତ୍ତକ ମଧ୍ୟରେ ଗଙ୍ଗାର ବେଶଭୂଷା ଦେଖି ଅନନ୍ତ ଚମକି ଉଠିଲା । ତେଣୁ ନିଜକୁ ନିଜେ ସାନ୍ତ୍ୱନା ଦେଲା କି "ପ୍ରଥମେ ଯାହାକୁ ଦେଖିଲି, ସେ ହୁଏତ ଅନ୍ୟ କିଏ ହୋଇ ଥିବ ।" ଭାଇକୁ ଦୁଆର ମୁହଁରେ ଠିଆ ହୋଇଥିବାର ଦେଖି ଛଳନା କରି ଆଖିରେ ଲୁହ ଭରି କହିଲା, "ଭାଇ, ଏତେଦିନ ପରେ



ମୁଁ ମନେ ପଡିଲି ? ତମେ ବୋଧହୁଏ ଭାବିଥିବ ଯେ ଏପରି ସ୍ଥାନରେ ବିବାହ ଦେଇଛ ଯେ ମୁଁ ସର୍ବଦା ସୁଖୀ ଥିବି । କିନ୍ତୁ ମୁଁ ବଡ କଷ୍ଟରେ ଅଛି ।'' ଅନନ୍ତ ଭଉଣୀର ଅବସ୍ଥା ଦେଖି ଦୁଃଖିତ ହେଲା; ତା'ର ସମସ୍ତ ଆଶା ଧୂଳିସାତ୍ ହେଲା ।

ଭାଇକୁ ଘର ଭିତରକୁ ଆଣିଲେ କାଳେ ସବୁ ଜଣାପଡିଯିବ ସେଥିପାଇଁ ଗଙ୍ଗା ବାହାର ଘରେ ଭଙ୍ଗା ଖଟିଆଟିଏ ପକାଇ ଦେଲା । ସେଇଠି ଅନନ୍ତ ପାଇଁ ବିଛଣା କରାଗଲା । ଖେତରୁ ଫେରିବା ସମୟ ହେବାରୁ ଗଙ୍ଗା ତା' ସ୍ୱାମୀ କେଲୁ ପାଖକୁ ଘର ପଛପଟ ବାଟେ ଧାଇଁଲା । ରାସ୍ତାରେ ଦେଖି ସବୁକଥା କହିଲା । କେଲୁ ତ ଶୁଣି ବହୁତ ଖୁସି ହେଲା ।

ଗଙ୍ଗା ଦେଖିଲା ତା' କଥା କେଲୁ କିଛି ବୁଝି ପାରୁନାହିଁ; ତେଣୁ ସେ ବାଧ୍ୟ ହୋଇ କହିଲା, "ସେ ଯଦି ଜାଣିପାରିବ ଆମ ପାଖରେ ଧନ ଅଛି, ତେବେ ସେ ସାହାଯ୍ୟ ମାଗିବ । ଆମକୁ ଅଭିନୟ କରିବାକୁ ହେବ ଯେ ଆମେ ବହୁତ ଗରିବ ।''

କେଲୁ ଆଶ୍ଚର୍ଯ୍ୟ ହୋଇ କହିଲା, "ବିଚରା ଏତେ ବର୍ଷପରେ ଆସିଛନ୍ତି, ଆଉ ତାଙ୍କୁ ଆମେ ଏପରି ବ୍ୟବହାର କରିବା ?'' "ସେ ମୋର ନିଜ ଭାଇ । ଯଦି ମୁଁ ତାକୁ ନଚାହେଁ ତ ତମେ ଏତ ବ୍ୟସ୍ତ ହେଉଛ କାହିଁକି ?'' ଗଙ୍ଗା କହିଲା ।

ଘରକୁ ଫେରି କେଲୁ ଦେଖିଲା, ଅନନ୍ତର ଭଙ୍ଗା ଖଟିଆ ପାଖରେ ତା' ପାଇଁ ମଧ୍ୟ





ଭଙ୍ଗା ଖଟିଆଟିଏ ପଡିଛି । ଅଳ୍ପ କିଛି ଖାଇ ଦୁଇଜଣ ଶୋଇଗଲେ । କେଲୁ ଭାବିଲା, "ଆଜି ତ ପର୍ବଦିନ ଥିଲା, ମିଷ୍ଟାନ୍ନ ଓ ମାଂସ ଗଙ୍ଗା ରାନ୍ଧିଥିଲା ଦେଲା ନାହିଁ । ବୋଧହୁଏ ଅଧରାତିରେ ଡାକିବ ଲୁଚାଇ କରି ଖାଇବାକୁ ।" କେଲୁର ମନ ଖାଦ୍ୟ ପାଇଁ ବ୍ୟାକୁଳ ହେଲା । ସେ ଖାଦ୍ୟ ପାଇବା ଆଶାରେ ବିଛଣାରେ ପଡି ଛଟପଟ ହେଲା । ଅନନ୍ତ ଭଉଣୀର ଦାରିଦ୍ର୍ୟ ଦେଖି ଦୁଃଖରେ ଚିନ୍ତାମଗ୍ନ ଥିଲା ଓ ଶୋଇ ପାରୁ ନଥିଲା । କେଲୁର ଅନନ୍ତ ଉପରେ ଦୟା ଆସିଲା । ବେଶି ରାତି ହେବାରୁ ଥଣ୍ଡା ଲାଗିଲା । କେଲୁ ଖଟତଳେ ନିଆଁର ଉହ୍ମେଇ ଥିଲା । ସେ ଅନନ୍ତର ଖଟ ପାଖକୁ ଘୁଞ୍ଚାଇ ଦେଲା । ବିଚରା ଶୀତରୁ ଟିକିଏ ରକ୍ଷା ପାଇବ ତ । ତା'ପରେ ସେ ପରିଶ୍ରମ ହେତୁ କ୍ଳାନ୍ତ ହୋଇ ଶୋଇଗଲା । କିନ୍ତୁ ଅନନ୍ତ ଶୋଇ ନଥାଏ । ଅଳ୍ପ ଅନ୍ଧକାରରେ ନିଆଁ ଉହ୍ମେଇ ଦେଖି ଗଙ୍ଗା ଭୂଲରେ ତା' ଭାଇ ଖଟିଆ ପାଖରେ ଠିଆ ହୋଇ ଡାକିଲା, "ଖାଇବ ତ ଶିଘ୍ର ଆସ ।" ଏତିକି କହି ସେ ଚାଲିଗଲା ।

ଅନନ୍ତ ଗଙ୍ଗାର କଥା କିଛି ବୁଝିପାରିଲା ନାହିଁ । ସେ ଭାବିଲା ବୋଧହୁଏ କେଲୁ ପାଖରୁ ଲୁଚାଇ ମୋତେ ଖୁଆଉଛି । ସେ ନିଜ ଚଦରଟି ଘୋଡେଇ ହୋଇ ଭିତରକୁ ଗଲା । ଭିତରେ ସୁନ୍ଦର ଭାବରେ ଖାଦ୍ୟସବୁ ସଜା ହୋଇ ରଖା ହୋଇଥାଏ । ଡିବିରି ଆଲୁଅରେ ବେଶି କିଛି ଦେଖାଯାଉ ନଥାଏ ।

"ଏବେ ଯାହା ଖାଇବାର ଖାଇନିଅ । ପାଖରେ ଥିବା ହାଣ୍ଡିରେ ଓ କଡେଇରେ ସବୁ ଅଛି । ଦରକାର ହେଲେ ନେବ ।" ଏତିକି କହି ସେ ଅନ୍ୟ କକ୍ଷକୁ ଚାଲିଗଲା । ସେ ଭାବିଛି ଯେ କେଲୁ ଚଦର ଘୋଡେଇ ହୋଇ ଆସିଛି । କାରଣ ନିଆଁ ଉହ୍ମେଇ କେଲୁ ଖଟତଳେ ଜାଣି ଜାଣି ସେ ରଖିଥିଲା ।

ଅନନ୍ତ ଭାବିଲା, "ଗଙ୍ଗା ମୋ ପାଇଁ କେତେ ସୁନ୍ଦର ଖାଦ୍ୟସବୁ ସଜାଇ ରଖିଛି । ପେଟ ଭରି ଖାଇଲା, ଆହୁରି ଖାଇଲା । ଆଉ ଯାହାକିଛି ବାକି ଥିଲା ସବୁ ପତ୍ରରେ ବାନ୍ଧିଲା ।

ପୁଣି ମାଠିଆରେ ଥିବା ଚାଉଳତକ ଗଣ୍ଠିଲି କରି ବାନ୍ଧିଲା ଓ ଗଙ୍ଗାକୁ ନ କହି, ବାରିପଟ ବାଟେ ଚୁପ୍ କରି ବାହାରି ପଳାଇଲା । କାରଣ ସେ ବୁଝିଲା ଭଉଣୀର ଇଚ୍ଛା ଦେବାକୁ, ଭିଣେଇ ଯଦି ଦେଖି ପକାଏ । ଅତି ଆନନ୍ଦରେ ସେ ନିଜ ଗ୍ରାମକୁ ପଳାଇଲା ।

କିଛି ସମୟ ପରେ କେଲୁ ଉଠିଲା । ଗଙ୍ଗା ତାକୁ ନ ଡାକିବାରୁ ତା'ର ମନ ଦୁଃଖ ଥିଲା । ସେ ଚିତ୍କାର କରି କହିଲା, "ଖାଦ୍ୟସବୁ କାହିଁଗଲା ?"

ଗଙ୍ଗା ରାଗି କରି କହିଲା, "ସବୁ ଖାଇସାରି ଏତେ ଜୋର୍‌ରେ ଚିତ୍କାର କରବା କ'ଣ ଦରକାର ?"

କେଲୁ ବେଶି ରାଗି ଚିତ୍କାର କଲା । ତା'ପରେ ସବୁ କଥା ଖୋଲିଗଲା । ଗଙ୍ଗା କହିଲା, "ତମେ ନିଆଁ ଉହ୍ଲେଇ କାହିଁକି ଦାଙ୍କୁ ଦେଲ ?

"ମୋ ଇଚ୍ଛା, ମୁଁ ଯାହା ଚାହିଁବି । ଆଜି ତୁମ ଲୋକଙ୍କୁ ଏପରି ବ୍ୟବହାର କଲ; କାଲି ମୋର ନିଜଲୋକ ଆସିଲେ ମଧ୍ୟ ତମେ ସେମିତି ବ୍ୟବହାର କରିବ । ତୁମ ପରି ସ୍ତ୍ରୀ ମୋର କେଉଁ କାମକୁ ଆସିବ ? ତୁମେ ସ୍ୱାର୍ଥପର ଓ ନୀଚ । ତମେ ନିଜର ସ୍ୱଭାବ ପରିବର୍ତ୍ତନ ନ କଲେ ଏଠାରେ ଅଧିକ ଦିନ ତିଷ୍ଠିବା ଅସମ୍ଭବ ।"

ଘରେ ପହଞ୍ଚି ଅନନ୍ତ ସବୁ ବୁଝିଗଲା ଓ ଗଣ୍ଠିଲୀ ଖୋଲି ଦେଖିଲା ଚାଉଳ ସହିତ ଅନେକ ସୁବର୍ଣ୍ଣ ମୁଦ୍ରା ଅଛି । ସେ ପରଦିନ ଗଙ୍ଗାକୁ ଚିଠିଟିଏ ଦେଲା; ଲେଖିଲା, "ଗଙ୍ଗା ତୁ ଏତେ କଷ୍ଟ କରି ଅଭିନୟ କଲୁ । ତୁ ଧନୀ, ତୁ ଧନ ଲୁଚାଇଲୁ । ଚାଉଳମାଠିଆରେ ଯେତିକି ମୁଦ୍ରାସବୁ ଅଛି, ସେଥିରେ ମୁଁ ବ୍ୟବସାୟଟିଏ କରି ଭଲରେ ଚଳିବି ଓ ତୋ ପଇସା ତୋତେ ଫେରାଇ ଦେବି ନିଶ୍ଚୟ । କିନ୍ତୁ ଏବେ ନୁହେଁ । ଭଗବାନ୍‌ଙ୍କର ଯାହା ଇଚ୍ଛା ।" "ଅନନ୍ତ ସେହି ଟଙ୍କାରେ ବ୍ୟବସାୟ କରି ବହୁଧନ ରୋଜଗାର କଲା ଓ ଗଙ୍ଗାର ସ୍ୱର୍ଣ୍ଣମୁଦ୍ରା ତାକୁ ଫେରାଇଲା ।



ବାଲ୍ୟ ପ୍ରତିଭା

କିଶୋର—ରାଜଦୂତ

ଜାପାନର ଫ୍ୟୁକୋକା ନଗରରେ, ଗତ ଜୁଲାଇ ୨୪ ଅଗଷ୍ଟ ୪ ତାରିଖ ପର୍ଯ୍ୟନ୍ତ, ପଞ୍ଚମ ଏସିଆ—ପାସିଫିକ୍ ଶିଶୁ ମହାସଭା ଅନୁଷ୍ଠିତ ହେଲା । ସେହି ସଭାରେ ପୃଥିବୀର ୪୦ଟି ଦେଶର ୩୦୦ ବାଳକ ବାଳିକା ଭାଗ ନେଇଥିଲେ । ଏହି ସଭାର ଆୟୋଜନ କରିଥିଲେ, "ଜୁନିଅର୍ ଚେମ୍ବର୍ ଇଣ୍ଟରନ୍ୟାସନାଲ୍" ସଂସ୍ଥା । ପୃଥିବୀର ବିଭିନ୍ନ ଦେଶରୁ ପ୍ରତିଭାବାନ୍ ବାଳକବାଳିକା ଏଥିରେ ଯୋଗ ଦେଇଥିଲେ । ଆମ ଦେଶରୁ ଯାଇଥିଲେ ଆଠଜଣ ପିଲା । ମାଡ୍ରାସର ବାରବର୍ଷର କିଶୋର ବି.ଗଣେଶ ରତ୍ନମ୍ ଥିଲେ ଏ ଦଳର ନେତା । ସେ ମାଡ୍ରାସର ମୋର୍ଗଟପେରର ଡି.ଏ.ବି. ପାଠାଶାଳାରେ ଅଷ୍ଟମ ଶ୍ରେଣୀରେ ପଢନ୍ତି ।

ଶିଶୁ ମହାସଭାରୁ ଫେରି ଗଣେଶରତ୍ନମ ଆମର "ଚନ୍ଦାମାମା" କାର୍ଯ୍ୟାଳୟକୁ ଆସିଥିଲେ । ସେଠାକାର ଫଟୋସବୁ ଥିବା ଆଲବମ୍ ଦେଖାଇଲେ ଓ ସେଠାକାର ସମସ୍ତ କାର୍ଯ୍ୟକ୍ରମ ବିଷୟରେ ବିବରଣୀ ଦେଲେ । ଗଣେଶରତ୍ନମ ଓ ଅନ୍ୟାନ୍ୟ ୭ଜଣ ପିଲା ସେଠାରେ ଏକ ଜାପାନୀ ପରିବାର ସାଥିରେ ରହୁଥିଲେ । ସେମାନେ କେତୋଟି ଜାପାନୀ ଶବ୍ଦ ଜାଣିଥିଲେ ଓ ସେହି ଜାପାନୀ ପରିବାରର ଲୋକେ ମଧ୍ୟ କିଛିଟା ଇଂରେଜୀ ଶବ୍ଦ ଜାଣିଥିଲେ । ଏମାନେ କହିଲେ, "ସେତିକି ଶବ୍ଦକୁ ନେଇ ଇଶାରା, ସଂକେତ ଦେଇ ଆମେ ବେଶ୍ ଚଳି ଯାଉଥିଲୁ, କୌଣସି ଅସୁବିଧା ହେଉ ନଥିଲା । ଯେଉଁମାନେ ସଭାରେ ଅଂଶ ଗ୍ରହଣ କରୁଥିଲେ ସେମାନେ ତାଙ୍କ ଦେଶର ଲୋକ ନୃତ୍ୟ ଦେଖାଇ ଥିଲେ । ତା'ଛଡା ନାନା ପ୍ରକାର ସଂସ୍କୃତିକ କାର୍ଯ୍ୟ ମଧ୍ୟ ପରିବେଷଣ କରିଥିଲେ । ଦିନେ ସମସ୍ତେ ନିଜ ଦେଶର ନିର୍ଦ୍ଦିଷ୍ଟ ବେଶ ପୋଷାକ ପିନ୍ଧି ଆସିଥିଲେ । ଗଣେଶରତ୍ନମର ପୋଷାକ ଥିଲା ସବୁଠାରୁ ସହଜ ଓ ସୁନ୍ଦର । ଅନ୍ୟ ଏକ ଦିନ ସେମାନେ "ଇକବେନା," 'ଜୁଡୋ' "ଓରିଙ୍ଗୋ" ପ୍ରଭୃତି ଖେଳ ଶିଖିଲେ । ତା'ପରେ ଭ୍ରମଣରେ ଗଲେ । ଖୁବ୍ ଖୁସିରେ ଦିନ କଟିଲା । "ଗ୍ରୀନ୍‌ଲାଣ୍ଡସ୍" "ଡଲଫିନ୍‌ସୋ" ପ୍ରଭୃତି ସ୍ଥାନକୁ ମଧ୍ୟ ସେମାନେ ଯାଇଥିଲେ । ବୁଲେଟ୍ ରେଳ ଗାଡିରେ ମଧ୍ୟ ଯାତ୍ରା କରିଥିଲେ । ଏସବୁ ବିବରଣୀ ସେ ଦେଲେ ।

ସଭାର ଶେଷ ଦିନ ଯେଉଁ ପ୍ରସ୍ତାବ ଦିଆଗଲା ସେସବୁ ଗଣେଶରତ୍ନମଙ୍କ ହୃଦୟରେ ଏପର୍ଯ୍ୟନ୍ତ ସ୍ଥିର ହୋଇ ରହିଛି । ସେସବୁ ପ୍ରସ୍ତାବ ହେଲେ, 'ଆମେ ଶପଥ କରୁଛୁ କି ଆମେ କିଶୋର ରାଜଦୂତମାନେ ଏହି ସୁନ୍ଦର ଦେଶକୁ ଭବିଷ୍ୟତ ପାଇଁ ସୁରକ୍ଷିତ ରଖିବୁ । ନିଜ ନିଜର ମାତୃଭୂମି, ତା'ର ମନୋମୁଗ୍ଧକର ସୌନ୍ଦର୍ଯ୍ୟ ତଥା ସଂସ୍କୃତିସବୁକୁ ସୁରକ୍ଷା କରିବା ସଙ୍ଗେସଙ୍ଗେ ପରସ୍ପର ମଧ୍ୟରେ ଭାବ ଆଦାନପ୍ରଦାନ ଦ୍ୱାରା ସମସ୍ତେ

ଲାଭବାନ ହେବୁ ।

ନିଜ ଦେଶର ସୀମା ପାରି ହୋଇ ଅନ୍ୟ ଦେଶକୁ ଆମେ ଆସି ଏକତ୍ରିତ ହୋଇ ଭବିଷ୍ୟତ ବିଷୟରେ ଆଲୋଚନା କରୁଛୁ । ଜଣେ ଅନ୍ୟର ଅନୁଭୂତି ଓ ଜ୍ଞାନ ଦ୍ୱାରା ଲାଭବାନ ହେଉଛୁ । ଆମେ ପରସ୍ପରର ଜୀବନ ପଥରେ ଥିବା ଶାନ୍ତି ଓ ସ୍ନେହର ତରଙ୍ଗ ସ୍ପର୍ଶ କରି ପାରୁଛୁ । ପୃଥିବୀରେ ଶାଶ୍ୱତ ଶାନ୍ତିକୁ ସ୍ଥାପନ କରିବା ପାଇଁ ଆମେ ଆମର ସ୍ନେହ ଓ ବନ୍ଧୁତ୍ୱକୁ ଅଧିକ ଦୃଢ଼ କରୁଛୁ ।" ସେ ଆହୁରି କହିଲେ, "ଭୂମି ନାମକ ଏହି ଅନ୍ତରୀକ୍ଷ ନୌକା" କୁ ଚଳାଇ ପାରୁଥିବା ଅଦ୍ଭୁତ ନାବିକ ହେଲେ ବାଳକବାଳିକାମାନେ । ଭବିଷ୍ୟତରେ ଏହି ବାଳକବାଳିକାମାନେ ନେତା ହୋଇ ପୃଥିବୀରେ ଶାନ୍ତି ସ୍ଥାପନ କରିବାକୁ ଚେଷ୍ଟା କରିବେ । ଏମାନଙ୍କ ମଧ୍ୟରେ ସେପରି ଧୀର ବୀର ମଧ୍ୟ ଅଛନ୍ତି ।" ଏହିସବୁ ବିଷୟମାନ ସେଠାରେ ଆଲୋଚନା ହେଉଥିଲା । ଏପରି ଏକ ବିରଳ ଅବସରର ଗଣେଶରତ୍ନମ ସଦୁପଯୋଗ କରିଥିବାରୁ ଆମେ ତାଙ୍କୁ ଅଭିନନ୍ଦନ ଜ୍ଞାପନ କରୁଛୁ । ଆମେ ଆଶା କରୁଛୁ ତାଙ୍କର ଭବିଷ୍ୟତରେ ଉତ୍ତରୋତ୍ତର ଉନ୍ନତି ହେଉ । ଏହା ଆମର ତାଙ୍କ ପ୍ରତି ଶୁଭେଚ୍ଛା ।

ଚାରିବର୍ଷର କାର୍ ଡ୍ରାଇଭର୍

ପିଲାମାନେ ଯଦି ଦେଖିବେ କାର ଟିଏ ଠିଆ ହୋଇଛି, ତେବେ ଚଟାପଟ ବସି ଷ୍ଟିଅରିଂ ବୁଲେଇବେ, ଆଉ ମୁହଁରେ ଗାଡ଼ିର ଶବ୍ଦ କରିବେ । କିନ୍ତୁ ଚାରିବର୍ଷର ଝିଅ ଜୁଲି ଅଗ୍ରୱାଲ (ହାଇଦ୍ରାବାଦ) ଅନାୟାସରେ ଗାଡ଼ିର ଷ୍ଟିଅରିଂ ଧରି ଗାଡ଼ି ଚଳାଇ ଚାଲି ପାରୁଛି । ରିମୋଟ କଣ୍ଟ୍ରୋଲ ଖେଳନାମାନେ ତା'ର ଅତ୍ୟନ୍ତ ପ୍ରିୟ । ଏସବୁ ଦେଖି ତା'ର ବାପମା' ତାକୁ ଡ୍ରାଇଭିଂ ଶିଖାଇଲେ । ତା'ପରେ ସେ ଟ୍ରାଫିକ୍‌ର ନିୟମସବୁ ଭଲ କରି ବୁଝିବାପରେ, ସୁନ୍ଦର ଭାବରେ ଗାଡ଼ି ଚଳାଇ ଚାଲିପାରୁଛି । ତା'ର ଇଚ୍ଛା ବଡ଼ ହୋଇଗଲେ ତା' ମା'କୁ ଗାଡ଼ିରେ ବସାଇ ଅନେକ ଦୂରକୁ ନେଇଯିବ ।



ପ୍ରମୋଦକୁମାର ଓ ବନିତାଙ୍କର ଏହି ଗେହ୍ଲା କୁନି ଝିଅଟି ତିନି ବର୍ଷ ବୟସରୁହିଁ ସନ୍ତରଣ ଶିଖିଛି । ଏବେ ବିନା ଶିକ୍ଷାରେ ବାରଫୁଟ ଉଚ୍ଚରୁ ସେ ପାଣିକୁ ଡେଇଁ ପାରୁଛି ।

ପିଲାମାନଙ୍କ ପାଇଁ ଆଉ ଏକ ସୁଖ ଖବର । ମହୀଶୂର ବିଶ୍ୱବିଦ୍ୟାଳୟର ଜଣେ ମେକାନିକାଲ୍ ଇଞ୍ଜିନିୟର ପିଲାଙ୍କ ପାଇଁ କାରଟିଏ ତିଆରି କରିଛନ୍ତି । "ଟାୟ ମୋଟୋ" ନାମକ ଏହି କାର୍ ୩୫ସି.ସି ପେଟ୍ରୋଲର ଇଞ୍ଜିନ୍‌ରେ ଚାଲେ । ୮୫ କିଲୋଗ୍ରାମର ବୋଝ ବୋହି ପାରିବ । ଏହାର ମୂଲ୍ୟ ମାତ୍ର ୧୫ ହଜାର ଟଙ୍କା ।



ଯୋଡି

ଶେଖର ହେଲେ କାଶୀପୁରର ଧନୀ କୃଷୀ । ତାଙ୍କର ଏକମାତ୍ର କନ୍ୟା ସୁମତିର ବିବାହ ପାଇଁ ସେ ଲାଗିପଡିଥା'ନ୍ତି ତାଙ୍କ, ବିଚାରରେ ତାଙ୍କର ଦୂର ସଂପର୍କୀୟ ଭାଇ ଶଙ୍କରଙ୍କ ପୁତ୍ର ନରେନ୍ଦ୍ର ସବୁଦିଗରୁ ଯୋଗ୍ୟ ଜାମାତା । କିନ୍ତୁ ନରେନ୍ଦ୍ରର ବଂଶ ପରିବାର ଅତ୍ୟନ୍ତ ସାଧାରଣ । ସେ ଶେଖରଙ୍କର ଦୁଇ ଏକର ଜମି ଭାଗକୁ ନେଇ ଘର ଚଳାଉଛି ।

ଝିଅର ବିବାହ ପ୍ରସ୍ତାବ ଶୁଣି ଶେଖରଙ୍କ ସ୍ତ୍ରୀ ପାର୍ବତୀ କହିଲେ, "ମୁଁ ବୁଝିପାରୁ ନାହିଁ, କାହିଁକି ଓ କିପରି ତମେ ନରେନ୍ଦ୍ରକୁ ଝିଅ ଦେବାକୁ ଭାବି ପାରୁଛ ? ସେମାନଙ୍କ ପରିବାର ତ ଆମରି ଜମିକୁ ଭାଗରେ ନେଇ ଫସଲ କରି ଚଳୁଛନ୍ତି । ତା'ଛଡା ତା'ର ଧନ ଅର୍ଜନ କରିବାର ଅନ୍ୟ କୌଣସି ଉପାୟ ନାହିଁ । ସେପରି ଦରିଦ୍ର ଘରେ ଆମ ଝିଅ ସୁଖୀ ହେବ ବା କିପରି ? ପୁଣି ସେ ଆମର ଏକମାତ୍ର ଝିଅ । ତା'ର ଭବିଷ୍ୟତ ବିଷୟରେ ଆମେ ଚିନ୍ତା ନ କଲେ କିଏ କରିବ ? ମୋର ବନ୍ଧୁ ଦୁର୍ଗାର ପୁଅ ପ୍ରତାପ ଦେଖିବାକୁ ବି ସୁନ୍ଦର, ଧନୀ ମଧ୍ୟ । ତାଙ୍କ ସହିତ ସମ୍ବନ୍ଧ ହେଲେ, ତାହା ଠିକ୍ ଆମ ସ୍ତରର ହେବ ।"

ଶେଖର ପାର୍ବତୀଙ୍କ କଥା ଶୁଣି କହିଲେ, "ନରେନ୍ଦ୍ର କ'ଣ ସୁନ୍ଦର ନୁହେଁ ? ତା'ପରେ ରହିଲା ଧନ କଥା । ଆମର ସବୁ ସମ୍ପତ୍ତି ତ ଆମ ଝିଅର ହେବ । ଦୁହେଁ ବେଶ୍ ସୁନ୍ଦର ଦିଶିବେ । ସେମାନଙ୍କ ମଧ୍ୟରେ ମିଳାମିଶା ହେବା ଦରକାର । ନରେନ୍ଦ୍ରର ବ୍ୟବହାର ଓ ମନୋଭାବ ଦେଖି ମନେହୁଏ, ସେ ଆମ ଝିଅ ପାଇଁ ଉପଯୁକ୍ତ ବରପାତ୍ର ।"

"ତାହେଲେ ତମେ କହୁଛ ପ୍ରତାପ ମିଳାମିଶା ସ୍ୱଭାବର ନୁହଁ ? ସେ ମଧ୍ୟ ଶିକ୍ଷିତ ଓ ଭଦ୍ର ।" ପାର୍ବତୀ କହିଲେ ।

Digitized by
Deb's Library Corner
https://t.me/debslibrarycorner

ଏକଥା ଶୁଣି ଶେଖର ଅଳ୍ପ ହସି କହିଲେ, "ମୁଁ କ'ଣ ସେକଥା କହିଲି ? ବରଂ ଉତ୍ତମ ହେବ ନରେନ୍ଦ୍ର ଓ ପ୍ରତାପ, ଦୁହିଁଙ୍କୁ ମୁଁ ପରୀକ୍ଷା କରି କହିବି ଯେ ଆମ ଝିଅ ସହିତ ବିବାହ କରିବାକୁ ଅଧିକଯୋଗ୍ୟ କିଏ ।

ପାର୍ବତୀ ମଥା ହଲାଇ ଏ କଥାରେ ସ୍ୱୀକୃତି ଦେଲେ । ପରଦିନ ଶେଖର ପ୍ରତାପକୁ ଡାକି ଆଣିଲେ ଓ କହିଲେ, "ପାଖ ଗ୍ରାମରେ ହାଟ ବସିଛି, ଏତକ ଟଙ୍କା ନେଇ ହଳେ ବଳଦ କିଣି ଆଣ । ଦେଖ ଦୁଇ ବଳଦ ମଧ୍ୟରେ ବନ୍ଧୁତା ରହିଥିବା ଆବଶ୍ୟକ । ନହେଲେ ଆମ ଜମିରେ କାମ ଭଲ ଭାବରେ ହୋଇ ପାରିବ ନାହିଁ । ସେଥିପାଇଁ ବଳଦ କିଣିବା ବେଳେ ଭାବିଚିନ୍ତି କିଣିବ ।"

ସକାଳୁ ଉଠି ପ୍ରତାପ ହାଟକୁ ଗଲା । ସେଠାରେ ଗୋରୁ ହାଟରେ ଅନେକ ବଳଦ ହଳ ହଳ ହୋଇ ବିକ୍ରି ହେଉଥିଲେ । ସେ ବହୁସମୟ ଧରି ବୁଲି ବୁଲି ଦେଖିଲା ପରେ କିଛି ଠିକ୍ କରି ନପାରି ବଳଦ ବିକ୍ରେତାଙ୍କୁ ପଚାରିଲା, "ଭାଇ ଦେଖ, ବଳଦ ଯୋଡିଏ କିଣିବି । କିନ୍ତୁ ବଳଦ ଦୁହିଁଙ୍କ ମଧ୍ୟରେ ପରସ୍ପର ସହିତ ମିଳାମିଶା ଭାବ ଥିବା ଦରକାର । ନହେଲେ ମୁଁ କିଣୁ ନାହିଁ ।"

ବଳଦ ବିକ୍ରେତା ମନେ ମନେ ଭାବିଲା, "ଏ ଲୋକ ବଳଦ କିଣିବାକୁ ଆସିଛି ନା ଆଉ କିଛି ଏହାର ଉଦ୍ଦେଶ୍ୟ ? ଇଏ ପାଗଳ ନୁହେଁ ତ ଆଉ ?" ଏକଥା ଭାବି ସେ ମନକୁ ମନ ହସିଲା ।

ଦ୍ୱିପ୍ରହର ବେଳକୁ ପ୍ରତାପ ଫେରି ଆସି କହିଲା, "ହାଟରେ ବିକ୍ରିପାଇଁ ବହୁତ ବଳଦ



ଅଛନ୍ତି । ମୁଁ ବିକ୍ରେତାଙ୍କୁ ପଚାରିଲି, ପରସ୍ପର ସହିତ ମିଳାମିଶା ଭାବ ଥିବା ବଳଦ ଦିଅ ବୋଲି ସେମାନେ ବିସ୍ମିତ ହୋଇ ମୋ ଆଡକୁ ଚାହିଁଲେ । ସେମାନଙ୍କ ବ୍ୟବହାର ମୋତେ ଆଦୌ ପସନ୍ଦ ହେଲା ନାହିଁ । ଯିଏ ସମ୍ମାନ ଦେଇ ଜାଣନ୍ତି ନାହିଁ, ତାଙ୍କ ସହିତ ଆଉ ଅଧିକ କ'ଣ କହିବି ? ମୁଁ ବଳଦ ନ କିଣି ଫେରି ଆସିଲି ।'' ତା'ପରେ ଶେଖର, ନରେନ୍ଦ୍ରକୁ ସେହି ଏକହିଁ କଥା ବରାଦ ଦେଲେ । ସେଦିନ ସଂଧ୍ୟାବେଳକୁ ସେ ଦୁଇଟି ସୁନ୍ଦର ବଳଦ କିଣି ନେଇ ଆସିଲା । ଦେଖିଲେହିଁ ଜଣା ପଡୁଥାଏ ଯେ ସେହି ଦୁଇ ବଳଦଙ୍କ ମଧ୍ୟରେ ଖୁବ୍ ବନ୍ଧୁତା ଅଛି ।

ଶେଖର ସେମାନଙ୍କୁ ଦେଖି ବହୁତ ଖୁସି ହୋଇ କହିଲେ, ''ମନେ ହେଉଛି ତ ବଳଦ ଦୁଇଟି ଭଲ । କିନ୍ତୁ ତମେ କିପରି ଜାଣିଲ ଗାଡି ଟାଣିବାରେ ସେମାନେ ଭଲ କାମ କରିବେ ?''

''ସବୁକିଛି ଭଲ ଭାବରେ ଜାଣିଲା ପରେ ହିଁ ମୁଁ ବଳଦ କିଣିଛି ।'' ଆତ୍ମବିଶ୍ୱାସ ଭରା ସ୍ୱରରେ କହିଲା ନରେନ୍ଦ୍ର ।

ପାଖରେ ଥାଇ ପାର୍ବତୀ ବ୍ୟଙ୍ଗସ୍ୱରରେ କହିଲେ, ''କୁହତ ବାପ, ତୁମେ ଏକଥା ଜାଣିଲ କିପରି ? ଆମେ ମଧ୍ୟ ସେକଥା ଜାଣି ଖୁସି ହେବୁ ।''

ନରେନ୍ଦ୍ର ଅଳ୍ପ ହସି କହିଲା, ''କିଣିବା ପୂର୍ବରୁ ଦୁଇ ବଳଦଙ୍କୁ ହଳରେ ଯୋଚି, ଜଣକୁ ପିଟିଲି ପାହାରେ । କିନ୍ତୁ ଦୁହେଁ ଏକସଙ୍ଗରେ ଚାଲିବାକୁ ଆରମ୍ଭ କଲେ ।'' ଏତିକି କହି ସେ ସେମାନଙ୍କୁ ଗୁହାଳକୁ ବାନ୍ଧିବାକୁ ନେଇ ଗଲା ।

ଯିବାବେଳେ ନରେନ୍ଦ୍ରକୁ ଦେଖି ପାର୍ବତୀ ଖୁସି ହେଲେ । ଏକଥା ଦେଖି ଶେଖର କହିଲେ, ''ଦେଖିଲ ପ୍ରତାପ ଓ ନରେନ୍ଦ୍ରଙ୍କ ମଧ୍ୟରେ କେତେ ଭିନ୍ନତା ? ନରେନ୍ଦ୍ର କାମକୁ ବୁଦ୍ଧି ଖର୍ଚ୍ଚ କରି କରିଛି ।''

''ମୁଁ କ'ଣ ଏତିକି ଜାଣିପାରୁ ନାହିଁ ? ଯେତେ ଶିଘ୍ର ସମ୍ଭବ ଝିଅର ବିବାହ ନରେନ୍ଦ୍ର ସହିତ କରିବା ।'' ପାର୍ବତୀ ଖୁସି ହୋଇ କହିଲେ ।

ପ୍ରକୃତିର ବିସ୍ମୟ



ମହୁମାଛିର ଦେହାବଶେଷ

ପାଞ୍ଚକୋଟି ବର୍ଷ ପୂର୍ବରୁ ମହୁମାଛିମାନେ ଥିଲେ କି ? କୁହାଯାଏ ହଁ ଥିଲେ । ଜର୍ମାନୀର ପୁରାତତ୍ତ୍ୱ ବିଶାରଦମାନେ ଇଫେଲ ଅଞ୍ଚଳରେ ଥିବା ଏକ ପଥର ତଳୁ ମହୁମାଛିର ଦେହାବଶେଷ ପାଇଛନ୍ତି । ତାହାକୁ ପରୀକ୍ଷା ନୀରୀକ୍ଷା କରି ବୁଝିଛନ୍ତି ଯେ ମହୁମାଛି ପୃଥିବୀର ବୋଧହୁଏ ସର୍ବାପେକ୍ଷା ପୁରାତନ ପ୍ରାଣୀ । ଏକ ମିଲିମିଟର ଲମ୍ବା ସେ ଯୁଗର ମହୁମାଛି ମଧ୍ୟରେ ଅଳ୍ପ କିଛି ମାତ୍ର ପରିବର୍ତ୍ତନ ହୋଇଛି ।



ରାକ୍ଷସ ଝିଟିପଟିର ଅଣ୍ଡା

ଚୀନ୍‌ରେ ରାକ୍ଷସ ଝିଟିପିଟି, ସାତକୋଟି ପଚାଶ ଲକ୍ଷ ବର୍ଷ ପୂର୍ବେ ରହୁଥିଲେ । ସେମାନଙ୍କର ଅଣ୍ଡା ଏବେ ମିଳିଛି । ପୁଣି ଆମେରିକାରେ ଚଉଦକୋଟି ବର୍ଷ ପୂର୍ବରେ ଥିବା ରାକ୍ଷସ ଝିଟିପିଟିର ଅଣ୍ଡା ମିଳିଛି । ଚୀନ୍‌ର ହେନାନ୍ ନିକଟରେ ଦୁଇଟି ଅଣ୍ଡା ମିଳିଥିଲା । ତାକୁ ଜର୍ମାନୀର ହାମୋଭାରସ୍ଥ ଅନୁସନ୍ଧାନ ସଂସ୍ଥାକୁ ପଠାଇ ଦିଆଯାଇଛି । ସେମାନେ ଦେଖିବେ ସେହି ଅଣ୍ଡାରେ ଥିବା ଛୁଆର ରୂପ କିପରି । ଆମେରିକାର ଡେନବିର ପାଖରେ ମିଳିଛି ଭଙ୍ଗା ଅଣ୍ଡା । ସେଥିରୁ ମଧ୍ୟ କିଛି ତଥ୍ୟ ମିଳିଛି । ଏହା ପୂର୍ବରୁ କଲୋରାଡୋ ନିକଟରୁ ଛଅଟି ଅଣ୍ଡା ମିଳିଥିଲା । ଅନ୍ୟ କୋଡୋଟି ଅଣ୍ଡା କୁକୁଡା ଅଣ୍ଡାଠାରୁ ଟିକିଏ ବଡ ଥିଲା । ସେସବୁ ଅନୁସନ୍ଧାନ କରି ସେମାନେ ଅନେକ ତଥ୍ୟ ପାଇଛନ୍ତି ।



ତାମିଲନାଡୁରେ ଦାନ୍ତଥିବା ବାଦୁଡି

ଗିନିସ୍ ପୁସ୍ତକ ଅନୁସାରେ ପୃଥିବୀରେ ଏକପ୍ରକାର ବାଦୁଡି ଅଛନ୍ତି .ସେମାନଙ୍କର ଦାନ୍ତ ଅଛି । ପାଞ୍ଚବର୍ଷ ପୂର୍ବରୁ ଏ.ଏଫ୍.ହ୍ୱାଟନ୍ ନାମକ ଜଣେ ପକ୍ଷୀ ବିଶେଷଜ୍ଞ ତାମିଲନାଡୁର ପଶ୍ଚିମ ପାହାଡରେ ଏହି ଦାନ୍ତଥିବା ବାଦୁଡିକୁ ଦେଖିଥିଲେ । ତାକୁ ସେ ବମ୍ବେରେ ଥିବା, "ନାଚୁରାଲ୍ ହିଷ୍ଟ୍ରି ସୋସାଇଟି" କୁ ନେଇଗଲେ । ସେଠାରେ ବିଶେଷଜ୍ଞମାନେ କହିଲେ ଯେ ଏପରି ବାଦୁଡି ବିରଳ । ସେଥିପାଇଁ ପ୍ରସିଦ୍ଧ ପକ୍ଷୀ ବିଶେଷଜ୍ଞ ଡକ୍ଟର ସଲିମଙ୍କ ନାମ ତାକୁ ଦିଆଗଲା । ଏହି ବର୍ଷ ବମ୍ବେ ସଂସ୍ଥାର ଜଣେ ଶାସ୍ତ୍ରଜ୍ଞ ତଥା ଇଂଲଣ୍ଡର "ହାରିସନ୍ ଜୁଓଲୋଜିକାଲ୍ ମ୍ୟୁଜିୟମ୍' ର ଅନ୍ୟ ଜଣେ ପକ୍ଷୀ ବିଶାରଦ ତାମିଲନାଡୁ ଯାଇ ସେହି ପକ୍ଷୀକୁ ଦେଖି ଥିଲେ । ଏମାନେ ଏହି ବିରଳ ଜାତିର ବାଦୁଡି ମାନଙ୍କ ଉପରେ ଗବେଷଣା କରୁଛନ୍ତି ।

ଆପଣଙ୍କ କେଶ
ଆବଶ୍ୟକ କରେ

ରୀଟାର ଯତ୍ନ



ରୀଟା ଏକ ଉତ୍କୃଷ୍ଟ କେଶ ପ୍ରସାଧନ ସାମଗ୍ରୀ ଅତ୍ୟଧିକ ମାତ୍ରାର ନିର୍ଯ୍ୟାସରେ ପ୍ରସ୍ତୁତ ଓ ମନମତାଣିଆ ସୁଗନ୍ଧିଯୁକ୍ତ । ଏହା ବିଳାସମୟୀ ପ୍ରକୃତିକ କେଶ ବଢାଇବା ଓ ମସ୍ତିଷ୍କ ଥଣ୍ଡା କରିବା ନିଶ୍ଚିତ । ରୀଟା ପୁରୁଷ ଓ ମହିଳା ଉଭୟଙ୍କ ପାଇଁ ଏକ ଆଦର୍ଶ ସମାଧାନ ଦ୍ରବ୍ୟ ।

Digitized by
Deb's Library Corner
At/P.O.-Tambahara
Via-P.S.-Harichandanpur
Dist-Kendujhar,State-Odisha
Pin-758028
Mobile-9556804309
Email-debaraj.123456789@gmail.com
https://t.me/debslibrarycorner

ରୀଟା

20ML
ପ୍ୟାକେଟ୍ ଦାମ୍ :
6.60

ରୀଟା ମନୋହର କେଶ ବଢାଏ । ଆଜି ଏକ ବୋତଲ କିମ୍ବା ଛୋଟ ପ୍ୟାକେଟ୍ କିଣନ୍ତୁ । ସବୁଠାରେ କିଣିବାକୁ ମିଳୁଛି ।

20ML
ବୋତଲ ଦାମ୍ :
8.50

Digitized by
Deb's Library Corner
https://t.me/debslibrarycorner

ଫଟୋପରିଚୟ ପ୍ରତିଯୋଗିତା : ପୁରସ୍କାର ଟ.୧୦୦/—

ପୁରସ୍କୃତ ପରିଚୟୋକ୍ତି ଫେବୃଆରି ୧୯୯୪ ସଂଖ୍ୟାରେ ପ୍ରକାଶ ପାଇବ ।

N. Sambasiva Rao

M. Natarajan

* ଉଭୟ ଚିତ୍ର ପାଇଁ ଉପଯୁକ୍ତ ପରିଚୟୋକ୍ତି ଦୁଇଚାରି ଧାଡିରେ ଲେଖା ହୋଇଥିବ ଏବଂ ପରସ୍ପର ସମ୍ବନ୍ଧିତ ହୋଇଥିବ * ଡିସେମ୍ବର ୧୦ ସୁଦ୍ଧା ପରିଚୟୋକ୍ତି ପହଞ୍ଚିବା ଦରକାର * ପରିଚୟୋକ୍ତି ସହ ଠିକଣା ପୋଷ୍ଟକାର୍ଡରେ ଇଂରାଜୀରେ ଲେଖି ନିମ୍ନ ଠିକଣାରେ ପଠାନ୍ତୁ ।

ଚନ୍ଦାମାମା ଫଟୋ ପରିଚୟ ପ୍ରତିଯୋଗିତା, ମାଡ୍ରାସ ୬୦୦ ୦୨୬

ଅକ୍ଟୋବର ୯୩ ପ୍ରତିଯୋଗିତାର ଫଳ

ପ୍ରଥମ ଚିତ୍ର : ଯାତ୍ରୀ ଅପେକ୍ଷାରେ ଏ ଘାଟରେ ଡଙ୍ଗା ମାଳମାଳ !

ଦ୍ୱିତୀୟ ଚିତ୍ର : ଡଙ୍ଗା ଅଭାବରୁ ଏ କୂଳରେ ଆମେ ଅସମ୍ଭାଳ !

ପୁରସ୍କାର ବିଜୟୀ : ପ୍ରଶାନ୍ତ କୁମାର ନନ୍ଦ, କଳାପଥର, କଟକ

ବିଜୟୀଙ୍କୁ ଅଭିନନ୍ଦନ, ସମସ୍ତ ପ୍ରତିଯୋଗୀଙ୍କୁ ଧନ୍ୟବାଦ ।

ଜହ୍ନମାମୁଁ

ବାର୍ଷିକ ଦେୟ : ଟ.୪୮/୦୦

ମନିଅର୍ଡର ଠିକଣା :

ଡୋଲଟନ୍ ଏଜେନ୍‌ସିସ୍, ଚନ୍ଦାମାମା ବିଲ୍‌ଡିଙ୍ଗସ୍, ବଡପାଳନୀ, ମାଡ୍ରାସ୍—୬୦୦ ୦୨୬

Printed by B.V. REDDI at Prasad Process Private Ltd., 188 N.S.K. Salai, Madras 600 026 (India) and Published by B. VISWANATHA REDDI on behalf of CHANDAMAMA PUBLICATIONS, Chandamama Buildings, Vadapalani, Madras 600 026 (India). Controlling Editor: NAGI REDDI.

The stories, articles and designs contained herein are the exclusive property of the Publishers and copying or adapting them in any manner will be dealt with according to law.

ମାମୁଲି ପାଉଡରରେ ବାରମ୍ବାର ଧୁଲେଇ ଧଳା ଲୁଗାପଟା ପାଇଁ ସିନା ଠିକ୍, ହେଲେ ଆପଣଙ୍କ ରଙ୍ଗୀନ ଲୁଗାପଟାଙ୍କ ରଙ୍ଗ ଉଡିଚାଲେ ଆଉ ସେମାନଙ୍କ ଚମକ କମ ହୋଇଚାଲେ ।
ନିବେଦନ କରାଯାଉଛି ଉଡ଼ିଯାଉଥିବା ରଙ୍ଗଙ୍କ ଚିକିତ୍ସା !
COLOUR GUARD
ଆପଣଙ୍କ ଲୁଗାପଟାର ରଙ୍ଗ ବି ଏତେ ଚମକଦାର କି ?
କଲରଗାର୍ଡବାଲା ନୂଆ ସନଲାଇଟ ଡିଟର୍ଜେଣ୍ଟ ପାଉଡର । ଏହାର ଡିଟର୍ଜେଣ୍ଟ ମଇଳା କାଢ଼ିଦିଏ, ଏଣେ କଲରଗାର୍ଡ ରଙ୍ଗୀନ ଲୁଗାପଟାଙ୍କ ରଙ୍ଗ ସମ୍ଭାଳେ, ତେଣୁକରି ତ ହୁଏ ରଙ୍ଗ ଉଜ୍ଜ୍ୱଳ, ଆଉ ଧଳା ସମୁଜ୍ଜ୍ୱଳ । ଚିକିତ୍ସା ମନେ ରଖିବେ !
NEW
SUNLIGHT
COLOUR GUARD
ନୂଆ
ସନଲାଇଟ
ଡିଟର୍ଜେଣ୍ଟ, ପାଉଡର
ରଙ୍ଗ ଉଜ୍ଜ୍ୱଳ, ଧଳା ସମୁଜ୍ଜ୍ୱଳ